# ପିଲାଙ୍କ କଥା

## (କିସାନ୍)

### ଦ୍ୱିତୀୟ ଭାଗ



# ପିଲାଙ୍କ କଥା (କିସାନ୍)

## ଦ୍ୱିତୀୟ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**ଶ୍ରୀ ତସିଲ ଟପ୍ପୋ**
**ଶ୍ରୀ ରାତୁରାମ ମାଝୀ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଳଙ୍କରଣ
**ପ୍ରିୟରଞ୍ଜନ ବରାଳ**

ପ୍ରକାଶକ
**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

Director :
**Prof. (Dr.) A.B. Ota**

Prepared by :
**Sri Tasil Tappo**
**Sri Raturam Majhi**

Co- ordinator :
**Dr. Paramananda Patel**

Illustration :
**Priyaranjan Baral**

Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା ବୋଲି ତିଆରି କରି ଦେଇଛି । ତେଣୁ ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ବିଚିତ୍ର ସ୍ଥିତି ଆମକୁ ଅଡୁଆ କରିଥାଏ ।

ଦ୍ୱିତୀୟତଃ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥାର ଭାଷା ସହ ଜଡ଼ିତ ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ । ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ । ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ଦେଇଆସୁଛି । ଦ୍ୱିତୀୟତଃ ପ୍ରଥମ-ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ର ଭିତ୍ତିକ କାହାଣୀ ଗୀତ-ପହଳିର ଅତିରିକ୍ତ ପୁସ୍ତିକା ।

ଏହା ପିଲାମାନଙ୍କୁ କେବଳ ଆନନ୍ଦ ଦେବ ତା ନୁହେଁ ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ସଂକ୍ରମିତ କରୁଛି ତା ଉପରେ ଧାରଣା ପାଇବେ ।


ଏହି ପୁସ୍ତିକାରେ କିସାନ ସଂସ୍କୃତିର ବିଭିନ୍ନ ବିଭବକୁ ଗଳ୍ପ ହିସାବରେ ପରିବେଷଣ କରାଯାଇଛି । ସାଂସ୍କୃତିକ ଅବବୋଧ ସହ ଭାଷାର ମୂଳ ଭାବସହ ପରିଚିତ ହେଲେ ପଠନ ସହ ଶିକ୍ଷାର ବିକାଶ ସହଜ ହେବ ।

ଅଖିଳ ବିହାରୀ ଓତା

# "କୁଣହୁଁ କିସାନ ଇତିହାସ"

**ନାହ୍ନେଁ କୁଣ୍ହୁଁ ସମାଜ ମାନାଲିଦ୍ ମୁଲି ସମାଜ । ନାହ୍ନେଁ ସମାଜ ଉଲତିନ୍ ଦୁସ୍ରା ଦୁସ୍ରା ସମାଜ ଗଠନ ମାଞ୍ଜାଦ୍ ବାରଚିକିଚିଦ୍ । ନାହ୍ନେଁ ପୁର୍ଖାର ଆଘଲି ଯୁଗନୁ ଲାଙ୍ଗଡା ଲାଙ୍ଗ୍ଡି ଭାବେ ହାର୍ବୁ, ପାର୍ଡା, କର୍ପଲ ଗୁଠିନୁ ବାସା ହିଚ୍ଚର୍ । କିଛି କାଲ୍ ପାଛଲି ଡ଼ାଢ଼ା, କୁମ୍ଭା କୁଡିଆ ନାଞ୍ଜାର, ମାନ୍ନୁ ଗୁଠିଗେ ପାତଲା ଛାଲା ଆଉ ଅର୍ରା ଲହଗେ ଏପୁ କାଡ଼ମାନୁ ଭିଡ୍ଚର । ହାର୍ବୁନ୍ତା ଫାଡ଼କାନ୍ଧାକାନ୍ଧା ଆରୁ ହେନା ଆହାଡା ମଖ୍ଖାର୍ ଆରୁ ତାହ୍ନେଁ ଜିଆ ଜିଆପଁସାଲିଆର୍ । ନାହ୍ନେଁ ପୁର୍ଖାର ଚିଚ୍ଛୁଗେ ସନ୍ଧାନ ହାକ୍କା ଉଲ୍ତିନ୍ ହେନା ଆହାଡା ମାଲ୍ମଖାର୍: କୁଟ୍ଟାର୍, ବାସିଆର ପୁହିଆର ମଖ୍ଖାର୍ । ପାନ୍ନାଗେ ସନ୍ଧାନ୍ ହାକ୍କା ଉଲତିନ୍ ପାନ୍ନାଗେ ହାତ୍-ହାତିଆର କାମ୍ଚର୍, ଏଁଡ୍ତୁ ନାଞ୍ଜାର୍, ହାର୍ବୁନ୍ତା ଯାନ୍ତୁ, ଅଡାନ୍, ଏଁଡତୁ ଚ୍ଚରନୁ ପିଟିଆର୍ ଆରୁ ମଖ୍ଖାର୍ ଅଣ୍ଡାର୍ ।**

ଆମର କିସାନ ସମାଜ ହେଉଛି ପ୍ରଥମ ସମାଜ । ଆମର ସମାଜ ଭିତରୁ ଅଲଗା ଅଲଗା ସମାଜ ଗଠନ ହୋଇ ଆସିଅଛି । ଆମର ପୂର୍ବ ପୁରୁଷ ମାନେ ପ୍ରାଚୀନ କାଳରେ ନିର୍ବସ୍ତ୍ର ଭାବରେ ଜଙ୍ଗଲ, ପାହାଡ଼, ଗୁମ୍ଫା ଗୁଡ଼ିକରେ ରହୁଥିଲେ । କିଛି ବର୍ଷ ପରେ ସେମାନେ ଗଛର ଡାଳରେ କୁଡ଼ିଆ ତିଆରି କଲେ । ଗଛ ଗୁଡ଼ିକର ପତଲା ଛାଲି ଓ ସିଆଳି ଲହର ରସିକୁ ସେମାନେ ଅଣ୍ଟାରେ ବାନ୍ଧିଲେ । ଜଙ୍ଗଲର ଫଳମୂଳ, କନ୍ଦମୂଳ ଏବଂ କଞ୍ଚା ମାଂସ ଖାଇ ଜୀବନ ବଞ୍ଚାଉଥିଲେ । ଆମର ପୂର୍ବ ପୁରୁଷ ମାନେ ନିଆଁର ବ୍ୟବହାର ଜାଣିବା ଦିନଠୁ କଞ୍ଚା ମାଂସ ଖାଇଲେ ନାହିଁ ବରଂ ପୋଡ଼ି କରି, ସିଝାଇ କରି ଖାଇଲେ । ଲୁହାର ସନ୍ଧାନ ପାଇବା ପରେ ଲୁହାର ବିଭିନ୍ନ ହାତ ହତିଆର ତିଆରି କରିଲେ । ଧନୁତୀର ତିଆରି କଲେ । ଜଙ୍ଗଲର ଜୀବଜନ୍ତୁ, ପକ୍ଷୀ ଗୁଡ଼ିକୁ ଧନୁତୀରରେ ମାରିଲେ ଏବଂ ଖାଇଲେ ।



**ନିଅଁଉଲ୍ଲକେର୍‌କାନ୍ତି  କୁଟୁମ୍ ବାଟୁମ୍ ପାର୍ଦ୍ଦିଆର । ଆଡ୍‌ଡା ଆଡ୍‌ଡା ଅଣ୍ଟାସାନ୍ ମାନା କିରି ହାର୍ବୁ ଗୁଠିନୁ ଡିହି ଡୁଙ୍ଗୁରି ନାଞ୍ଜାର୍ ରାଚାର୍ । ହାର୍ବୁନ୍ତା ଛଟେ ଛଟେ ମାନ୍ନୁ, ହତାପା ବାହି ପଏଁକେରା ତାରିଆର୍ ଆରୁ ପୋଡୁଚଷ ନାଞ୍ଜାର୍ । ଆ ସାମିଆନୁ ଅଣ୍ଟା ଆଲାସେ ବାରଟା କୁକ୍‌କୋ ହାଦ୍‌ଦୁ ରାଚ୍ଚର୍ । ପାଚ୍‌ଚ ପାଚ୍‌କି ଯେତେବେଳେ କେଚ୍‌ଚର କେରାର ବାଡ଼କା ଭାଇସେ ଆଡ୍‌ପା ଘଲା ବାଗେ ଲାଗାନ୍ ଯେତେ ଭାଇରିନ୍ ମେହିଁଆସ୍ । ସାନ୍ନି ଭାଇସିନ୍ ଯେତେ ଭାଇର ଦୁଲାରି ନାଞ୍ଜକାରା ଘର୍ । ପାଇରି ବିଜ୍‌କୁନ୍ ତାନ୍ ଏଡ଼ତୁ ଧାର୍‌ଦାସ୍ । ସେନ୍ଦରା, କାଦାସ୍ କାମାଗେ  ହାର୍ବୁ ।**

କିଛି ବର୍ଷ ପରେ ତାଙ୍କର ସନ୍ତାନ ସନ୍ତତି ବଢ଼ିଲେ । ଜାଗା ଜାଗା ଏକଜୁଟ ହୋଇ ଜଙ୍ଗଲରେ ଡିହ କରି ରହିଲେ । ଜଙ୍ଗଲର ଛୋଟ ଛୋଟ ଗଛ, ବୁଦା, ଗୁଡ଼ିକୁ କାଟି ପୋଡୁଚଷ କଲେ । ସେ ସମୟରେ ଗୋଟିଏ ଲୋକର ବାରଟି ପିଲାଛୁଆ ଥିଲେ । ବୁଢ଼ାବୁଢ଼ୀ ଯେତେବେଳେ ମରିଗଲେ, ବଡ଼ଭାଇ ଘର ଚଳେଇବା ପାଇଁ ସମସ୍ତ ଭାଇ ମାନଙ୍କୁ ଡାକିଲେ । ସାନ ଭାଇକୁ ସମସ୍ତେ ଭାରି ସ୍ନେହ କରୁଥିଲେ । ସକାଳ ପାହିଲେ ସିଏ ଧନୁତୀର ଧରି ଶିକାର କରିବା ପାଇଁ ଜଙ୍ଗଲକୁ ଯାଏ ।



**ଭାଇଜାମାର୍‌ଘେ ଏକାଉଲ୍କା ସଭା କାମ୍‌ନା ରାଋଦ୍ ଆଉଲ୍ଲା ସାନ୍ନିସ୍ ପାଇରିପାଇରି ଚଋସ୍ ଆରୁ ଏଡତୁଋରୁ ଧାର ଋସ୍ ସେନ୍ଧରା ଲାଗାନ ହାରବୁଗେକେରାସ୍ । କାଲ୍‌ତେ କାଲ୍‌ତେ କିଛି ଗେଛାନୁ ବାଡେ ମାକଖ୍ ପାଟେ ଗିରା ବାଋସ୍ ଆରୁ ଡାଡ଼ା ଡାବ୍‌ଋସ୍ ଆରୁ ଆଡ଼୍‌ପା କିର୍ରିଆସ୍ । ବାରାବାକେ ପାବୁନୁ ଅଣ୍ଟା ଜୁଡ଼ିଆସାନ୍ ଧୋବ ଘଣ ପାଟେ ମେନା ଯହାଁଲି ଆଦ୍ । ଆଘଣ ମିୟାଁ ସାନ୍ନି ଭାଇ ସେ ହାନ୍ନୁ ଖାତ୍‌ରାଦ୍ । ଅରର୍ରା ଲହ ମୁର୍କିଆସ୍ ଆରୁ ଘଣନ୍ ହିଁଆଗେ ଘଣ ଋହା କେରାସ୍ । ଘଣ ବଦ୍ ତାଙ୍ଗାନ୍ ଧାରା ଚିଛାଦ୍ । ଘଣମିୟାଁ ଅକ୍‌କିଆସ୍ ଆରୂ ଆଡ଼ପା ବାର୍ଚାର୍ସେ । ସାନ୍ନି ଭାଇସ ତାଘେଂ ହାର୍ବୁ କେର୍‌କା, ଯାନ୍ତୁପିଟ୍‌କା, ଘଣ ଧାର୍ଚ୍ଚକା, କାଥ୍‌ଥା ଗୁଠିନ୍ ଡେଙ୍ଗିଆସ୍ ।**

ଭାଇ ମାନଙ୍କର ଯେଉଁ ଦିନ ସଭା କରିବାର ଥିଲା ସେହିଦିନ ସାନ ଭାଇ ସକାଳୁ ସକାଳୁ ଉଠିଲା ଏବଂ ଧନୁତୀର ଧରି ଶିକାର କରିବା ପାଇଁ ଜଙ୍ଗଲକୁ ଗଲା ।

ଯାଉ ଯାଉ କିଛି ଦୂରରେ ବଡ଼ ସମ୍ବରଟିଏ ଶିକାର କଲା ଏବଂ ତାକୁ ଡ଼ାଳରେ ଢ଼ାଙ୍କି ଦେଇ ଘରକୁ ଫେରିଲା । ଫେରିବା ସମୟରେ ରାସ୍ତାରେ ଗୋଟିଏ ଝରଣା ପାଖରେ ଧଳା ଘୋଡ଼ାଟିଏ ଚରୁଥିଲା । ସେହି ଘୋଡା ଉପରେ ସାନ ଭାଇର ଆଖି ପଡ଼ିଲା । ସିଆଲି ଲହଟିକୁ କାଟି ଘୋଡାଟିକୁ ବାନ୍ଧିବା ପାଇଁ ଘୋଡା ପାଖକୁ ଗଲା । ଘୋଡାଟି ତାକୁ ଧରା ଦେଲା । ଘୋଡା ପିଠିରେ ବସି ସେ ଘରକୁ ଫେରିଲା ।



ହୁନ୍ତି ଜାମାଭାଇଗୁଠିଆରିନ୍ ସାନ୍ନି ଭାଇସ୍ ହାରର୍ବୁକାନା ମାକ୍ଖ ପିଟାନା ଘଣଧାରନାକାଥ୍ ଗୁଠିନ ତେଙ୍ଗୀଆସ୍ ଯେତେ ଭାଇ ଗୁଠିଆରିନ୍ ମେଞ୍ଜାର୍ ଆରୁ ସାନ୍ନିଭାଇ ସେ ପିଟ୍କା ମାକଖୁବନ୍ ଅନ୍ଦ୍ରା କେରାର୍ । ମାକ୍ଖୁବନ୍ ଲାଚଝର୍ ଆବଡ଼ାର୍ ଅଣ୍ଡାର ମଖାର୍ । ଆନ୍ତି ତାହ୍ନେଁ ଆଡ଼୍ପା ଚାଲାବାନା କଥାବାର୍ତ୍ତା ଚାଲ୍ରାଦ୍ । ମାଝିଆଁ ବସ୍ ବାଚାସ୍ କି, ଯେତେ ଭାଇ ଗୁଠିଆର୍ତ । ଅଣ୍ଟା ଅଣ୍ଟା ଧନ୍ଦା ଫଟକାନୁ ଆତ୍ଲାଦ୍ ବାକେନ୍ ସାନ୍ନି ଭାଇସ୍ ମେଲା ଆତ୍ଲାସ । ତାଙ୍ଗାନ୍ ଆଡ଼୍ପାନ୍ତା ଯେତେ ଭାରାନ୍ ଚିଅତ୍ ଆରୁ ସିଧା ପାବୁନୁ ଅନ୍ଦରତ୍ । ଇ କାଥ୍ଥାବନ୍ ବାଡ଼କା ଭାଇସ୍ ଭି ମାଞ୍ଜାସ୍ । ସାନ୍ନି ଭାଇସ୍ ବୋଲ ମାଞ୍ଜାସ୍ । ଆଡ଼ପାନ୍ତା ଭଲ ମନ୍ଦ ଯେତେ ଯାକନ୍ ବୁଝୁରାସ୍ । ବାକି ଭାଇର୍ ଆପାନ୍ ଆପାନ୍ ଧନ୍ଦାନୁ ଝଲ୍ରାର୍ । ବାଡ଼କାସ ଝଷ ବାସନୁ ଲାଗିଆସ । ମଝିଆଁସ୍ ନିଡ଼ିପଡ଼ି ପୂଜା ଆରାଧନା ନାଞ୍ଜାସ୍ । ତାଘେଂ ପିଠିନ୍ତାସ ବଣିଜ ବେପାର ନାଞ୍ଜାସ୍ । ଆରୁ ଅଣ୍ଟାସ୍ ଉକ୍ତା, ପାକସି ନାଞ୍ଜାସ୍ । ଏନ୍ନେ ଯେତେ ଯାକର ଅଣ୍ଟା ଅଣ୍ଟା ନାଲଖୁ ମୁଢିଆରାଚାର୍ । ଆ ଉଲ୍ତିନ୍ ଜାତି କରଣ ମାଞ୍ଜା ବାର୍ଚିକିଚିଦ୍ । ନାହ୍ନେଁ କୁଣହୁଁ ପୁରାଣନ୍ତା ଭାଁଟାସେ ଶ୍ଳୋକ ପାଠନୁ ଇ କାଥ୍ଥାଦ୍ ଜାଣା ଖାତିରିକି ଚିଦ୍ ।

"ସାନ ଭାଇ ଚଢଲା ଘୁଡା, ବଡ ଭାଇ ଧରଲା ମଗ
ସାନ ଭାଇ ରଜା, ବଡ଼ ଭାଇ ପରଜା, କଙ୍କୋପାଟ୍ ନାଗ ବଈଁଶୀ
କୁଣ୍ଡା ପିଠାମାର ହେଲା ଝନ୍ଦଲୁ ପର୍ବତ ଉଲଟିଗଲା
ଛକୋର ଛାଉଣୀ  ନକୋର୍ ଛାମୁଡା ହେଲା ।"


ସମସ୍ତ ଭାଇମାନଙ୍କୁ ସାନ ଭାଇ ତାର ଜଙ୍ଗଲ ଯିବା, ସମ୍ବର ମାରିବା, ଘୋଡା ଧରିବା କଥା ଗୁଡ଼ିକ କହିଲା, ପରେ ସମସ୍ତ ଭାଇ ଏକଜୁଟ ହୋଇ ସାନଭାଇ ମାରିଥିବା ସମ୍ବରଟିକୁ ଆଣିବା ପାଇଁ ଗଲେ । ସମ୍ବରଟିକୁ  ରାନ୍ଧି ବାଢ଼ି ଖାଇଲେ ତା'ପରେ ଘର ଚଳାଇବା କଥାବାର୍ତ୍ତା ଝଲିଲା । ମଝିଆଁ ଭାଇ କହିଲେ ଯେ ଆମେ ସମସ୍ତ ଭାଇମାନେ ଗୋଟିଏ ଗୋଟିଏ କାମଧନ୍ଧାରେ ଅଛୁ ତାଙ୍କ ସାନ ଭାଇ ଖାଲି ଅଛି । ତାକୁ ଘରର ସମସ୍ତ ଭାର ଦେବା ଏବଂ ସିଧା ରାସ୍ତାକୁ ଆଣିବା । ଏହି କଥାରେ ବଡ଼ ଭାଇ ମଧ୍ୟ ରାଜି ହେଲେ । ସାନ ଭାଇ ମଧ୍ୟ ରାଜି ହେଲେ । ଘରର ସମସ୍ତ ଭଲମନ୍ଦ ବୁଝିଲା । ବାକି ଭାଇମାନେ ନିଜ ନିଜର କାମଧନ୍ଦାରେ ଚାଲିଲେ । ବଡ଼ଭାଇ ଝଷବାସ କାମରେ ଲାଗିଲେ । ମଝିଆ ଭାଇ ବିଧିବିଧାନ ପୂଜା ଆରାଧନା କଲେ । ତାଙ୍କ ପର ଭାଇ ବାଣିଜ୍ୟ ବ୍ୟାପାର କଲେ । ଆଉ ଜଣେ ଲଙ୍ଗଳ ଯୁଆଳି ତିଆରି କଲେ । ଏହିଭଳି ସମସ୍ତେ ଗୋଟିଏ ଗୋଟିଏ କାମଧନ୍ଦାରେ ଲାଗିଲେ ।

ସେହି ଦିନ ଠାରୁ ଜାତିକରଣ ବ୍ୟବସ୍ଥା ହୋଇ ଆସିଛି । ଆମର କିସାନ ଜାତିର ପୁରାଣରେ ପୁରୋହିତଙ୍କ ଶ୍ଳୋକରୁ ଏ କଥା ଗୁଡ଼ିକ ଜଣାପଡ଼ିଛି ।

ସାନ ଭାଇ ଚଢ଼ିଲା ଘୋଡ଼ା ବଡ଼ଭାଇ ଧରିଲା ମଙ୍ଗ
ସାନ ଭାଇ ରାଜା, ବଡ଼ ଭାଇ ପରଜା, କକୋଂପାଟ ନାଗ ବଂଶୀ
କୁଗହା ପିଠା ମାର ହେଲା ଝନ୍ଦଲୁ ପର୍ବତ ଓଲଟି ଗଲା
ଛକୋଡ଼ି ଛାଉଣୀ ନକୋଡ଼ି ଛାମୁଣ୍ଡା ହେଲା ।

# ଯାହା ଆହାଲଦାର ବାନେ କିରା ଆହା
# (ବୁଝି ବିଚାରି କାମ)

ବିଲେଇ ଆଉ କୁଲିହା ଜଡ଼େର୍ ଭଲ ସାଙ୍ଗେ । ବିଲେଇ ତାଘେଂ ଗୁସିଁଆସେ ଆଡ୍‌ପାନୁ ରାଇ । କୁଲିହାଦ୍ ହାରବୁନୁ ଲାତାନୁ ରାଇଦ୍ । ଯଡ଼େରିନ୍ ଏକ୍‌ଲା ଏକ୍‌ଲା ଏରାଲେଖନାର । ଦୁଃଖୁ ସୁଖୁ ଗେକାଥା ମାନ୍ନାର୍ । ଅନ୍ନା ମଁହନା, ହାଦ୍ଦୁ ବଛୋଗେ କାଥା ଖାତ୍‌ରି । ଉନ୍ଦୁଲ ବିଲେଇ କୁଲିହା ବନ ଏରିଆ । ଆଉ ତେଙ୍ଗିୟା ସାଙ୍ଗେ ଇନ୍ନାକାଲା ଯାହା ଉଲ୍ଲାଦ ମାଞ୍ଜାଦିନ ଆଉ ମା ଉଜ୍ଜଦାତ୍ । ସାଙ୍ଗା ତାରା ନାମେ ଭଗାରି । ଟିକେ ଇୟା ହାୟା ମାନ୍‌ଝୁକୁନ ନାମାନ୍ ଧାର୍‌ର ଅକର୍ । କୁଲିହା ଇକାଥାବ୍‌ନ୍ ମେଞ୍ଜା ଆଉ ତେଙ୍ଗିୟା । ଏଙ୍ଗେ ହୁବୁଡ଼ାନ ଲେଖା ଏଲ୍‌ଚେନା ମାଲ୍ଲାଦ୍ । ଏଙ୍ଗା ସାଙ୍ଗା ପାବୁ ଜାଣା । ଏଙ୍ଗା ନେଦ୍‌ହି ହାଇରାନ କାମାଗେ ବେଦକୁବ୍ ଏନ୍ ଏର୍ଦ୍ରେଭି କାମନ୍ ଆଉ ବୁଙ୍ଗନ୍‌କନ୍ । ବିଲେଇ ତେଙ୍ଗିୟା । ଭାଇ ନିନ୍ ବାଡ଼େ ଭାଗ୍ୟବାନ୍ ।



ବିରାଡ଼ି ଆଉ କୋକିଶିଆଳି ଦୁହେଁ ଭଲ ବନ୍ଧୁ । ବିରାଡ଼ି ତା' ମାଲିକ ଘରେ ରହେ । କୋକିଶିଆଳି ବଣରେ ଗାତ ଭିତରେ ରହେ । ଦୁହିଁଙ୍କର ବେଳେବେଳେ ଦେଖାସାକ୍ଷାତ୍ ହୁଏ । ଦୁଃଖ ସୁଖ ହୁଅନ୍ତି । ଖାଇବା ପିଇବା କଥା, ପିଲାଛୁଆଙ୍କ କଥା ପଡ଼େ । ଦିନେ ବିରାଡ଼ି କୋକିଶିଆଳିକୁ ଦେଖି କହିଲା ସଙ୍ଗାତ୍ ! ଆଜିକାଲି ଯାହା ବେଳ ହେଲାଣି ଆଉ ବଞ୍ଚିହେବ ନାହିଁ । ଘରିଆଡ଼େ ଆମର ଶତ୍ରୁ । ଟିକେ ଅସାବଧାନ ହେଲେ ମାଡ଼ିଆସିବେ । କୋକିଶିଆଳି ଏ କଥା ଶୁଣି କହିପକାଇଲା ମୋର ସେଥିକି ଡର ନାହିଁ । ମତେ ସବୁ ବାଟ ଜଣା । ମତେ କିଏ ଆକ୍ରମଣ କଲେ ମୁଁ କୌଣସି ବାଟ କରି ଖସିଯିବି । ବିରାଡ଼ି କହିଲା ଭାଇ ! ତୁମେ ବଡ଼ ଭାଗ୍ୟବାନ୍ ?

ଏଙ୍ଗା ତା’ ଏର୍ନ୍ଦେହି ପାବୁ ଜାଣା ମାଲ୍ଲୁ । ଏନ୍ ଅଣ୍ଟା ଠୁକା ପାବୁ ଆକିନ୍ ଚେନ୍ ଯଦି ହୁବ୍ଦ୍ ନାଳଖୁ ମାଚିର୍ଝ-ହାଲେ ଏନ୍ ଖିଅନ୍-କନ୍ । ବିଲେଇଗେ କାଥା ମେନର୍ଝ ଆଉ କୁଲିହାଦ୍ ପାହାଁରୀ  କେରା । ତେଙ୍ଗିୟା, ଏରା ସାଙ୍ଗେ ନିଙ୍ଗେ ଲାଗାନଏଘେଂ ଖୋବ୍ ଦାୟା  ରାଇ, ତେଙ୍ଗୁ ନେନ୍‌ନିଙ୍ଗା ଏସ୍‌କେ ସାହାଯ୍ୟ କାମାଆଙ୍ଗାନ୍ ? ହେଲେ ଏନ୍‌ନିଙ୍ଗାନ୍ ଅଣ୍ଟା ଯୋଡ଼େ ଜୀୟା ବାର୍ଝବାନାଗେ ବୁଦ୍ଧି ଶିଖାବନ୍ ଚନ୍ । କୁଲିହାଗେ ଥୁମ୍‌ଣାନ୍ତି କାଥା ମା ମୁଞ୍ଜୁକିର୍ଝ । ଯଡ଼େ ଆଲ୍ଲୁ ଏକାସାନ୍ ରାର୍ଝର୍ ଜଲଦି ସେ ବୁଙ୍ଗିୟାର୍ ବାର୍‌ର୍ଝର୍ । ବିଲେଇବନ୍‌ତା ଜିୟା ବାର୍ଝବାନାଗେ ଅଣ୍ଟା ଖାଲି କଥା ଜାଣା । ଜିଆ ବିକଳନୁ ଆଦ୍ ମୁନ୍‌ଗାମାନ ଗେ ମିଆଁ ଆର୍‌ଗିଆ କେରା । ଲେକିନ୍ ବୁଧିଆଲ କୁଲିହାଦ୍ । ଏନ୍ଦେର କାମ, ପଲ୍ଲୁ ଭାବା । ଆଲ୍ଲୁ ଯଡ଼େର କୁଧି ଆରର୍ଝର ବାରର୍ଝର୍ ଆଉ ତାଙ୍ଗାନ୍ ଖାପ୍‌ଚା ଚିର୍ଝର୍ । ଅଣ୍ଟା ବୁଦ୍ଧି ବାନେକରି ଆକ୍ଲିର୍ଝବୋଲି ବିଲେଇବଦ୍ ବାଚରାକେରା ।

ମୋତେ ତ ଏତେ କିଛି ଉପାୟ ଜଣାନଇଁ । ମୁଁ ଯେଉଁ ଗୋଟିଏ ଉପାୟ ଜାଣିଛି ସେଇଟି କାମ ନ କଲେ ମୁଁ ମଲି । ବିରାଡ଼ି କଥାରେ କୋକିଶିଆଳି ଫୁଲିଗଲା । କହିଲା ଦେଖ ବନ୍ଧୁ ତୁମ ପାଇଁ ମୋର ଅନେକ ଦରଦ ରହିଛି । ତେବେ ମୁଁ କି ଉପାୟରେ ତୁମକୁ ସାହାଯ୍ୟ କରିପାରିବି ? ହେଲେ ମୁଁ ଏତିକି କରିପାରିବି ଯେ ତୁମକୁ ଗୋଟିଏ ଦୁଇଟି ଆତ୍ମରକ୍ଷାର ଉପାୟ ଶିଖାଇ ଦେଇପାରିବି । କୋକିଶିଆଳି ପାଟିରୁ କଥା ସରି ନଥାଏ, ଦୁଇଟା କୁକୁର କାହୁଁଥିଲେ ସୁ-କରି ମାଡ଼ି ଆସିଲେ । ବିରାଡ଼ିକୁ ତ ଆତ୍ମରକ୍ଷାର ଉପାୟ ଜଣା । ପ୍ରାଣ ବିକଳରେ ସେ ପାଖ ସଜନା ଗଛ ଉପରକୁ ଚଢ଼ିଗଲା । ହେଲେ ଚତୁର କୋକିଶିଆଳି  କ’ଣ କରିବ ନ କରିବ, ଭାବୁ ଭାବୁ କୁକୁର ଦୁହେଁ ଦଉଡ଼ି ଆସି ତାକୁ ମାଡ଼ି ବସିଲେ । ଉପାୟ ଭଲ ରୂପେ ଜାଣିଥିବାରୁ ବିରାଡ଼ି ରକ୍ଷା ପାଇଲା ।




# ଶଙ୍ଖ, କୋଇଲି ଏବଂ ବ୍ରାହ୍ମଣୀ

ପୂର୍ଖାଘେ କାତ୍‌ଥାହିସାବନୁ ଶଙ୍ଖ କୁଇଲିଆରୁ ବ୍ରାହ୍ମଣୀ ହସରାଗେ ଅଣ୍ଟା କାଥାଣି ଆତଲିଦ୍ କୁଣ୍ହୁଁ ଜାତିନ୍ତାପୂର୍ଖା ଆଲଗୁଠିଆର, ନାଗପୁର, ରୋହିତାସଗଡ଼ପାଟନା, ଛଟାନାଗପୁର, ବିରୁ, କେଶେଇପୁର, ଝାରଖଣ୍ଡଦିକରି ଓଡ଼ିଶା ହସରାଖଣ୍ଡିହାମିନପୁର, ଝୀରପାଣୀ, ଜବାଜମ୍‌ସରା ଛେଣ୍ଡପାଦାନୁଡ଼େରା ଧାରଚ୍ଛର । କୁଣ୍ହୁଁ ସମାଜନୁଅନେକ, ଜୁକୁତିହାରପରର୍ବପାଲନ କାମ୍‌ନାୟ । ଯେନ୍ତା-କାରମା, ଫାଗୁଣପୁନି, ପୁର୍ନା ଅନ୍ନାରତିହାରମାନ୍ନାୟ ଗମ୍ୟାପୂର୍ଣ୍ଣିମା, ପୌଷପୂର୍ଣ୍ଣିମା, ଅକ୍ଷୟ ତୃତିୟା, ଗୁଠିନପାଲନ କାମ୍‌ନାର । ଆଜ୍‌ଜ ଆଜୈର୍‌ଘି ତେଙ୍ଗାନାନୁ, ଅଣ୍ଟା ଅଣ୍ଟା ଡିହିପାଦାନୁ, କୁଣ୍ହୁଁ, ପରିବାର, ଜୁକୁ ଜୁକୁ ଆଲ୍ ରାନାୟ । ଅଣ୍ଟା କୁଟୁମ୍ବନୁ, ମାଁ କେଚ୍‌କାପାଛଲି ହାଲି ଆୟାଙ୍ଗ, ବାଙ୍ଗ, ହାଦୁବର୍ଙ୍ଗେ, ଏନ୍‌ନେ ଚ୍ଛଲ୍‌ରାଲିଆର୍ । ହାଲ୍ଲି ଆୟାଙ୍ଗ, ବାଙ୍ଗସ୍ କେଚ୍‌ଚ୍ଛସ୍ ଜଡ଼େ ହାଦୁରିନ୍, ମାହାନହରକଚ୍ କାମାଲିୟାଦ୍ । ସବୁ ବାକେନ ଇଦିନ ହାଦିନ, ନାଲ୍‌ଖୁକାମାଗେତେଙ୍ଗାଲିଆଦ୍

ପୁରାତନ କଥା ହିସାବରେ ଶଙ୍ଖ, କୋଇଲି ଏବଂ ବ୍ରାହ୍ମଣୀ ନଦୀର ଗୋଟିଏ କାହାଣୀ ଅଛି । କିସାନ୍ ଜାତିର ପୂର୍ବ ପୁରୁଷ ମାନେ ନାଗପୁର ପଟୁ ରୋହତାଶଗଡ଼ ଛୋଟ ନାଗପୁର, ବିରୁ, କେଶେଇପୁର, ଝାରଖଣ୍ଡ ହୋଇ ଓଡ଼ିଶାକୁ ଆସିଥିଲେ । କିସାନ ସମାଜରେ ଅନେକ ଗୁଡ଼ିଏ ପର୍ବପର୍ବାଣି ପାଳନ କରାଯାଏ । ଯଥା - କରମା, ଫାଲଗୁଣ ପୂର୍ଣ୍ଣିମା, ନବାନ୍ନ ଭକ୍ଷଣ, ଶ୍ରାବଣ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା । ଅଜା ଆଈଙ୍କର କହିବା ଅନୁଯାଇ ଗୋଟିଏ ଗାଁରେ ବହୁତ କିସାନ ପରିବାର ରହୁଥିଲେ । ଗୋଟିଏ ପରିବାରରେ ମାଁ ମରି ଗଲାପରେ ମାଉଁସୀ ମା ସହିତ ବାପା, ପୁଅ ଝିଅ ଏମିତି ଚ୍ଛରି ସଦସ୍ୟ ରହୁଥିଲେ । ମାଉଁସୀ ମା ବାପା ନଥିବା ସମୟରେ ଦିଜଣ ପିଲାଙ୍କୁ ବହୁତ ହଇରାଣ କରୁଥିଲା । ସବୁ ସମୟରେ କିଛିନା କିଛି କାମକରିବା ପାଇଁ କହୁଥିଲା ।



ଏନ୍ଦ୍ରିନ୍ ତିହାରବାହାରନୁଭି ଠିକ୍‌କରି ଭାଗ୍‌ହୁଆ ମାଲ୍‌ଚିନାର୍ । ଏନନେ୍ ଅଣ୍ଡାଉଲ୍କା ହାଲ୍ଲି ଆୟାଙ୍ଗ ବାଡ଼ିଆନ୍ ହାଲ୍ଲୁଗେ ଲାଙ୍ଗା ଲଡ଼ାଗେତାୟାଦ୍ । ହାଦାରଜଡ୍ଢେ ହାଲ୍ଲୁଗେ ଲାଙ୍ଗା ଲଡ଼ାଗେ ହାଲ୍ଲୁଗେକେରାର । ବିଡ଼ପୁତିଆକେରା ବୁଲି ବାଙ୍ଗସ୍ ଚିନ୍ତାକାମିକିରି ତାଘଂାୟ ମୁକ୍କାନ ମେଞ୍ଜାଯେ ଦାଦୁଜଡ୍ଢେର୍ ହାଲ୍ଲୁ କେରକାନାୟ । ବାଙ୍ଗସ୍ ଇଦିନ୍ ମେନିକରି ସାଙ୍ଗେ ସାଙ୍ଗ୍ ହାଦ୍ଦୁଜଡ୍ଢେରିନ୍ ବେଦ୍ଦାଗେ କେରାସ । ବାଙ୍ଗସ୍‌ହାଦ୍ଦୁଜଡ୍ଢେରିନ୍ ହାଲ୍ଲୁଏରି ଲମ୍‌କାରାକେରାସ୍ । ଇଦ୍ ନିମ୍‌ହେଁ ଏନ୍ଦେର ମାଞ୍ଜାବୁଲିମେଞ୍ଜାସ୍ ବାକେ ହାଦ୍ଦୁଜଡ୍ଢେର ତେଙ୍ଗିଆର୍ ବାଙ୍ଗ୍ ଏମ୍‌ହାଲୁନୁନାଲ୍‌ଖୁ କାମାଲ୍‌କାମ୍ ଜଡ୍ଢେ ମାଁଜି ହାଖ୍‌ଖିକରି କିଡ଼ା ବାକେନ ଆଦିନ ମକ୍କାମ୍‌ଚିକାମ୍ । ମାଞ୍ଜିମକ୍କାମ୍‌ବୁଲି ଏମ୍‌ହେଁ ଅଣ୍ଡା ଅଣ୍ଡା ହଲାଉର୍ଖାକେରା ଦୋରୋଦରୋ ଆମ୍ମୁଉର୍‌ଖାଲି । ଆଦ୍‌ଘିଲାଗାନ୍ ନିଘଂାୟଗେନେ ଆଡ଼ପାକାଲାପଲଦାମ୍ । ନିମ୍ ଅଥାର୍ ଆଡ଼ପାଗେ କିର୍ରା କାଲା ଆରୁମେନା ।



କୌଣସି ପର୍ବପର୍ବାଣିରେ ମଧ୍ୟ ଠିକ୍ ଭାବରେ ଭାଗନେବା ପାଇଁ ଦେଉନଥିଲା । ଏମିତି ଗୋଟିଏ ଦିନ ମାଉଁସୀ ମା ଜୋରଜବରଦସ୍ତ ବିଲକୁ ଘାସ ବାଛିବା ପାଇଁ ପଠାଇଲା । ପିଲାଦୁଇଟି ଘାସ ବାଛିବା ପାଇଁ ବିଲକୁ ଚାଲିଗଲେ । ସଂଧ୍ୟା ହୋଇ ଯିବାରୁ ବାପା ଚିନ୍ତିତ ହୋଇ ତାଙ୍କ ସ୍ତ୍ରୀକୁ ପଚାରିବାରୁ ପିଲା ଦୁଇଟି ଜମିକୁ ଯାଇଛନ୍ତି କହିଲେ । ବାପା ଏହା ଶୁଣି ସାଙ୍ଗେସାଙ୍ଗେ ପିଲା ଦୁଇଟିଙ୍କୁ ଖୋଜିବା ପାଇଁ ବାହାରିଲେ । ବାପା ପିଲାଦୁଇଟିକୁ ଜମିରେ ଦେଖି ଚମକି ପଡ଼ିଲେ । ଏହା ତୁମର କ'ଣ ହେଲା କହିବାରୁ ପିଲା ଦୁଇଟି କହିଲେ ବାପା ଆମେ ଖେତରେ କାମ କରୁଥିବା ସମୟରେ ଦୁଇଟି ଅଣ୍ଡା ପାଇ ଭୋକ ହେବାରୁ ତାକୁ ଖାଇ ଦେଲୁ । ଅଣ୍ଡା ଖାଇବାରୁ ଆମର ଗୋଟିଏ ଗୋଟିଏ ଲାଞ୍ଜ ବାହାରି ଧାର ଧାର ହୋଇ ପାଣି ବାହାରୁଛି । ତେଣୁ ତୁମ ସାଙ୍ଗରେ ଆଉ ଘରକୁ ଯାଇପାରିବୁ ନାହିଁ । ଆପଣ ଏକା ଘରକୁ ଫେରିଯାଆନ୍ତୁ ଏବଂ ଶୁଣନ୍ତୁ, ଆମ ଖାର ହାଣ୍ଡିରେ ତୁମପାଇଁ ଗୋଟିଏ

**ଚିନ୍ଦୁ କାଙ୍ଗୁନୁ ନିଙ୍ଗାଗେ ଅଣ୍ଟା ଜିନିଷ ଉଇଚ୍‌କାଦାମ୍ । ଆରୁ ଆୟାଙ୍ଗ୍ ଲାଗାନ୍ ଢ଼ିଙ୍କିନ୍ତୁ ସାମ୍ଭାଗାଡ଼ିନୁ ଆଣ୍ଟାଜିନିଷଉଇକାଦାମ୍ । ଆୟାଙ୍ଗବନତେଙ୍କେଚିକେ । ଆବର୍‌ବାଙ୍ଗ୍‌ସିନ୍ ଆଡ଼୍‌ପାଗେ କିର୍‌ତା-ଚ୍ଛର୍‌ଚିଚ୍ଛର । ଆନ୍ତି ଦୁଇବୁହୁଣୀ କାଚ୍ ନେଖାରାର୍ । ନାନ୍‌ତା ଇଅବସ୍ଥାନୁ ଆରୁ ଆଡ଼୍‌ପା ଆମ୍ଭତ୍‌କାଲା । ଆଡ଼୍‌ପାକେର୍ କାତହାଲେ ହାଲି ଆୟାଙ୍ଗ୍ ନାଘଂମିୟାଆରୁ ଅତ୍ୟାଚ୍ଛରକାମଦ୍ । ଗୁଚୁନିନଅଣ୍ଟା ଦିଗନୁ ଆରୁ ଏନ୍ ଅଣ୍ଟା ଦିଗ୍‌ନୁ କଡ଼୍ । ଉନ୍ଦୁନାଉନ୍ଦୁଲ୍ ନାମ୍ ଦୁଇବୁହୁଣି ଅଣ୍ଟାଆଡ଼୍‌ଡ଼ାନୁ ଭେଟଘାଟମାନତ । ଦୁଇବୁହଣୀ ନିଜର ନିଜର ପାବୁନୁ କେରାର୍ । ବାଙ୍ଗଂସ୍‌ଆଡ଼୍‌ପାଗେ ବାର୍‌କି ହାଲିଆୟାଙ୍ଗ ବନ୍‌ଜାମାକାଥାତେଙ୍ଗିଆସ୍ । ଆରୁନିଯେ କେରାସ୍ ଚିନ୍ଦୁ କାଙ୍ଗୁନ୍ ଏରିଆସ୍ ଯେ ଅଣ୍ଟା ସନାଗି ମାଁଞ୍ଜିଅଣ୍ଟା ମାଡ଼୍‌ରିକିଚି । ଆଦିନ ଅନ୍ଦ୍ରାସ୍‌ଆରୁ ହାଲ୍ଲି ଆୟାଙ୍ଗ ବନ୍ ହାଦୁଜଡ଼ାର ତେଙ୍କା କାଥା ହିସାବ୍‌ନୁ ଢ଼ିଙ୍କି ଗାଡ଼ିନୁତୁବାଚ୍ଛସ୍ । ଆଗାଡ଼ିନୁ ନେରୁରାଚ୍ଛ, ହାଲିଆୟାଙ୍ଗି ହେଖ୍ଖାନ୍ ପାରମିୟାଁଚିଚ୍ଛ । ହାଲ୍ଲି ଆୟାଁଙ୍ଗ୍ ଆସାନି କେଚ୍ଛକେରା । ଏନନେ ନିଅଁବଛର୍‌କେରା, ଶ୍ରାବନ୍‌ପୁନିଉଲ୍ଲା ବେଦବ୍ୟାସ୍‌ସାନ୍ ଦୁଇବୁହୁଣିର୍ ଶଙ୍ଖକୁଇଲିଦ୍ ଭେଟ୍‌ମାଞ୍ଜାର । ଦୁଇ ବୁହୁଣୀର୍ ଉସ୍‌ନାକ୍ ମାଞ୍ଜାର୍ ଆରୁ ଶଙ୍ଖବନ୍ କୁଇଲିଦ୍ ତେଙ୍ଗିଆଦ୍ ନାମ୍ ଯେତେ ଉଲ୍ଲା କୁଦ୍‌କାତ୍ ଇନ୍ନାନ୍ତି ଆରୁ ଆଡ୍‌ଗା ଆମ୍ଭତ ମାନା ।**

ଜିନିଷ ରଖିଆସିଛୁ ଏବଂ ମାଁ ପାଇଁ ଢେଙ୍କିର ସମାଗାତରେ ଗୋଟିଏ ଜିନିଷ ରଖି ଆସିଅଛୁ ମା'ଙ୍କୁ କହିଦେବ । ଏହା କହି ବାପାଙ୍କୁ ଘରକୁ ଫେରାଇ ଦେଲେ । ତା'ପରେ ଦୁଇ ଭଉଣୀ କଥାହେଲେ, ଆମେ ତ ଏପରି ଅବସ୍ଥାରେ ଆଉ ଘରକୁ ଯିବାନାହିଁ । ଘରକୁ ଗଲେ ମାଉସୀ ମା ଆମ ଉପରେ ଆହୁରି ଅତ୍ୟାଚ୍ଛର କରିବ । ଚ୍ଛଲ ତୁ ଗୋଟିଏ ଦିଗରେ ଓ ମୁଁ ଗୋଟିଏ ଦିଗରେ ପଳାଇବା । ଦିନେ ନା ଦିନେ  ଆମେ ଦୁଇଜଣ ଗୋଟିଏ ଜାଗାରେ ଭେଟ ହେବା କହି ଦୁଇଜଣ ଯାକ ନିଜ ନିଜ ବାଟରେ ଚ୍ଛଲିଗଲେ । ବାପା ଘରକୁ ଆସି ମା'ଙ୍କୁ ସବୁକଥା କହିଲେ ଓ ନିଜେ ଯାଇ ଖାର ହାଣ୍ଡିରେ ଦେଖିଲେ ସୁନାର ଗୋଟିଏ ଅଣ୍ଡା ଲୁଚି ରହିଛି । ତାକୁ ଆଣିଲେ ଏବଂ ମା'ଙ୍କୁ  ପିଲା ଦୁଇଟି କହିବା ଅନୁଯାୟୀ ଢେଙ୍କିସାଲ ଯାଇ ଢେଙ୍କି ଗାତରେ ହାତପୁରାଇବା ପାଇଁ କହିଲେ । ସେହି ଗାତରେ ସାପ ଥିଲା ମାଉଁସୀ ମା'ଙ୍କ ହାତକୁ କାମୁଡ଼ି ଦେଲା । ମାଉଁସୀ ମା' ସେଠାରେ ହିଁ ଟଳି ପଡ଼ିଗଲା । ଏମିତି କେତେ ବର୍ଷ ଗଲା, ଶ୍ରାବଣ ପୂର୍ଣ୍ଣିମା ଦିନ ବେଦବ୍ୟାସରେ ଦୁଇ ଭଉଣୀ ଶଙ୍ଖ ଓ କୋଇଲି ଭେଟହେଲେ । ଦୁଇ ଭଉଣୀ ଖୁସି ହେଲେ ଏବଂ ଶଙ୍ଖକୁ କୋଇଲି କହିଲା ଆମେ ଯେତେ ଦିନ ବୁଲିଲେ ବୁଲିଲେ, ଏବେ କିନ୍ତୁ ଆଉ ଅଲଗା ହେବାନାହିଁ ।

**ଗୁଚୁ ପୂର୍ବ ଦିଗଗେ ବୁଙ୍ଗତ । ଇନ୍ନାନ୍ତିନ୍ ଏଘଂାୟ ଦୁଖୁଃ ସୁକ୍‌ନୁ ଆଗ୍ରିପଛିମାନ ଇଲୟ ଆଉ ଏନ୍ ନିଘଂାୟଲାଗାନ ସୁଭକାମନାକାମ୍‌ନ୍ । ଇନ୍ନାନ୍ତି ନିଘଂାୟ ହେଖାନୁ ଇଗାଣ୍ଡି ଖାତରାତେଙ୍ଗି କୁର୍‌କାସାଢିନ୍ତି ଖାଁଡ଼େ ଝରିକିରିବୁହୁଣିଗିହେଖ୍ଖାନୁ ହିଝଝଦ୍ । ଦୁଇବୁହୁଣିର ଅଣ୍ଟାସାନ୍ ମାଞ୍ଜାକେରାର । ଆଦିନ୍‌ନା ବ୍ରାହ୍ମଣୀ ହସରାବୁଲିତେଙ୍ଗାଲଦାତ୍ । ଇଉଲ୍ଲାନ୍ତି କୁଣୁହାଁ ପରିବାର ଆଲାର୍ ତିହାର ବାହାରଉଲ୍ଲାହାଲ୍ଲୁଗଡ଼ାନ୍ତାନାଲଖୁ ମାଲକାମ୍‌ନାୟ । ହୁଉଲ୍ଲାଓୟୁଗାଏ ଆଡ଼ପାନ୍ତା ଯେଜନ୍ତୁ ପାଇରୀପାଇରୀ ଅନ୍ତାମହତା ଏମତା କିରି ଜାନ୍ତୁ ଜାମାରିନ୍ ସୁଭକାମନାକାମିରାଖିହିନାର ଆରୁ ବୁହୁଣୀଦିଭାଇକା ହେଖ୍ଖାନୁ ରାକ୍ଷୀ ହିନାର୍ ଧୁମ୍ ଧାମ୍‌ନୁ ପରର୍ବ ପାଲନକାମ୍‌ନାୟ । ଶଙ୍ଖ କୁଇଲି ମିଲିନ ବନ ମନେଉୟାଗେ କୁଣହାର ରାକ୍ଷିପୂର୍ଣ୍ଣିମାନ୍ ପାଲନ କାମ୍‌ନାୟ ।**

ଝଲ ପୂର୍ବ ଦିଗକୁ ପଳାଇବା । ଆଜିଠାରୁ ତୁ ମୋର ବିପଦ ଆପଦରେ ଆଗପଛ ହୋଇ ଠିଆହେବୁ ଏବଂ ମୁଁ ତୋ ପାଇଁ ଶୁଭକାମନା କରିବି । ଆଜି ଠାରୁ ତୋର ହାତରେ ଏହି ଗଣ୍ଠି ପଡ଼ିଲା କହି ପିନ୍ଧିଥିବା ଶାଢୀରୁ ଖଣ୍ଡିଏ ଫାଡ଼ି ଭଉଣୀ ହାତରେ ବାନ୍ଧିଦେଲା । ଦୁଇ ଭଉଣୀ ଏକାଠି ହୋଇଗଲେ । ତାହାକୁ ଆମେ ବ୍ରାହ୍ମଣୀ ନଦୀ ବୋଲି କହୁଛୁ । ଏହି ଦିନ ଠାରୁ କିସାନ ପରିବାର ଲୋକମାନେ ପର୍ବପର୍ବାଣୀରେ ଏମିତି  କଠିନ କାମ କରନ୍ତି ନାହିଁ । ସେ ଦିନ ଗାଈ ଗୋରୁ, ମଇଁଷି, ଘରର ଅନାନ୍ୟ ପଶୁମାନଙ୍କୁ ବଡ଼ିଭୋରକୁ ଖୁଆଇ ପିଆଇ ଗାଧୋଇ ଦେଇ ତାଙ୍କର ଶୁଭମନାସୀ ସକାଳେ ରାକ୍ଷୀ ବାନ୍ଧନ୍ତି ଏବଂ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ଧୁମଧାମରେ ପର୍ବପାଳନ କରନ୍ତି । ଶଙ୍ଖ ଏବଂ କୋଇଲିର ମିଳନକୁ ମନେ ରଖିବା ପାଇଁ କିସାନ ମାନେ ରାକ୍ଷୀପୂର୍ଣ୍ଣିମା ପର୍ବ ପାଳନ କରନ୍ତି ।




# ପାଚତୋ ପାଚକି କାଥ୍‌ନି
# (ବୁଢ଼ାବୁଢ଼ୀ କଥା)

**ଅଣ୍ଡା ପାଦ୍ଦାନୁ ଅଣ୍ଡା ଆଡ୍‌ପାନୁ ଜଡ୍ଡେ ପାଚ୍‌ତୋ ପାଚକି ରାଆଗର୍, ପାଚ୍‌ତୋଦ୍ ଆସ୍‌ରେ ରାଚାଦ୍ । ପାଚ୍‌ତୋ ପାଚକିର ହାର୍‌ରା ଏସାଗେ ହାର୍ବୁ କେରାର । ଅନ୍ ଚିରଖ୍ ଅନ୍ ନାଚଚୁ ଏସ୍‌ସାର । କିର୍ନା ବେଡ଼ାଗେ  ପାଚୋଦ୍ ଅଣ୍ଡା କୁକ୍‌କୋ ହାଦ୍ଦୁ ଜନମ କାମ୍‌ଚାଦ୍ । ଆନ୍ତିନ୍ ପାଙ୍ଗେଜ୍ ପାଚ୍‌କିସିନ୍, ବାଉଦ୍ ହାଦ୍ଦୁ ହାଖ୍‌ତ ହାରରା ମା ହାକଦାତ୍ ଆ ହାଦ୍ଦୁସିନ  ଡ଼ାରା ଡ଼ାପଚାର୍ ବୁଙ୍ଗିଆର୍ । ଆଦଘି ପାଛ୍‌ଲି ହାଦ୍ଦୁସିନ୍ ଚାଟିଗୁଟିଥ୍ ପାରମାଲିଆଦ୍ ।  ପାର୍‌ମା ନା ଗେ କୁକ୍କୋସ ଅଲ୍‌ହା ଲିଆସ୍ । ଆଦଘି ପାଛ୍‌ଲି ରାବାଣ୍ ବାର୍‌ଚା ଆରୁ ଏରିଆଦ୍ ଜେ ପୋକ୍, ଚାଁଟି ଗୁଠିଜ୍ ପାର୍‌ମାଲିଆଦ୍ । ରାବାଣ ବାଉଦ୍ ଜେ ଇଦ୍ ତା ଆଲ୍ ହାଦ୍ଦୁ ।  ଇ ହାଦ୍ଦୁସିନ୍ ପଁସନ୍ ବାଚାଦ୍ ଆନ୍ତିନ୍ ହଚାଦ୍ ଆଉ ପଁସିଆଦ୍ ।**

ଗୋଟିଏ ଗ୍ରାମର ଗୋଟିଏ ଘରେ ଦୁଇ ବୁଢ଼ା ବୁଢ଼ି ଥିଲେ । ବୁଢ଼ୀ ଗର୍ଭବତୀ ଥିଲା । ଦୁଇ ବୁଢ଼ାବୁଢ଼ୀ ବାଉଁଶ କରଡ଼ି ଭାଙ୍ଗିବା ପାଇଁ ଗଲେ । ଗୋଟିଏ ଭାର ଗୋଟିଏ ବୁଝା ଭାଙ୍ଗିଲେ । ପଳାଇବା ସମୟରେ ବୁଢ଼ୀ ଗୋଟିଏ ପୁଅ ଜନ୍ମ କଲା । ତା'ପରେ ବୁଢ଼ାକୁ ବୁଢ଼ୀ  ଛୁଆ ପାଇବା କିନ୍ତୁ ବାଉଁଶ କରଡ଼ି ପାଇବା ନାହିଁ ବୋଲି କହିଲା, ଏବଂ ଛୁଆକୁ ଶୁଆଇ ଡ଼ାଳ ଢାଙ୍କି ପଳାଇଗଲେ । ତା'ପରେ ପିମ୍ପୁଡ଼ି ଗୁଡ଼ିକ ଛୁଆକୁ କାମୁଡ଼ିଥିଲେ । କାମୁଡ଼ିବା ସମୟରେ ଛୁଆଟି କାନ୍ଦୁଥିଲା । ଏହା ପରେ ଶାଗୁଣା ଆସିଲା ଏବଂ ଦେଖିଲା, ଯେ ପୋକ, ପିମ୍ପୁଡ଼ି କାମୁଡ଼ୁଛନ୍ତି ।

ତା'ପରେ କହିଲା ଯେ ଇଏ ତ ମଣିଷ ଛୁଆ । ଏଇ ଛୁଆକୁ ପୋଷିବା ବୋଲି କହିଲା ତା'ପରେ ନେଇକରି ପୋଷିଲା ।



**ବାଡ଼େ ବାଡ଼େ ଦୁକାନ୍ତି ଚିଡ଼ହା, ଗୁରସ୍, ଅନଦ୍ରା, ଚିଚ୍ଚାଦ୍, ବୁଲିକିରି କୁକ୍ଲୋସ ଉଜ୍ଜିଆସ୍ ଆରୁ ବାଡକା ଜହଁ ମାନଋସ୍ କେରାସ୍ । ଆଙ୍ଗେ ଏସ୍କେ କାମତ୍ ବାଚାଦ୍ ରାବାଣ୍ । ଆଦଘି ପାସଲି ବାଋର୍ ଜେ ଭିକ ନିଆଁସ ଅନ୍ଦ୍ରାସ ଆରୁ ନାମାନ୍ ପଁସସ୍ ବାଋର । ହାଲେ ଇସକେ ଏନ୍ଦେର କାମତ୍, ହାଲେ ନିୟାଅନାଗେ ହାକୋସ । ଡମ୍ ମାସ୍ ମୁର୍କାଲିଆର୍ ରାବାଣ ଅଣ୍ଟା ମାସୁନ୍ 'ଅଚ୍ଚା ଚିଚଚୁ ଅନ୍ଦ୍ରାଆରୁ ଆନ୍ତିନ ଆନ୍ନୁ ଭୋଙ୍ଗା କାମଋର୍ । ଆରୁ ନିଆଁ ଅନାଗେ ମୁନାଅଣ୍ଟା ଚିଚ୍ଚାର । ଏନ ତା ଗୀତ୍ ପାଡ଼ି ବାଲଦାନ୍ ଆରୁ ଏସ୍କେ ଭିକ୍ ନିୟନ୍ ବାଚାସ୍ । ନିଙ୍ଗାନ୍ ଚାଟିଁ ପାର ପାଲିଆଦ୍ ଆଙ୍ଗେନ୍ ଏନ୍ କେରାନ୍ ଆରୁ ଛାଡ଼ାବାଋନ୍, ଅନ୍ଦ୍ରାନ ଆରୁ ପଁସିଆନ । ହାଲେ ଇନ୍ନା ନେଲା ବାଡ଼୍କା ମାଞ୍ଜାକାଏ । ନିନକଏ ଭିକ୍ ନିୟେ ଅନ୍ଦ୍ରଏୟେ ଆରୁ ଏମାନ୍ ପଁସୟ୍ ।**

ବଡ଼ ବଡ଼ ଦୋକାନରୁ ଲୁଗା, ଗୋରସ ଆଣିଦେଲା ବୋଲି ଛୁଆଟି ବଞ୍ଚିଲା ଏବଂ ବଡ଼ ହେଲା । ସେହି ସମୟରେ କିପରି କରିବା ବୋଲି ଶାଗୁଣା କହିଲା । ଏହାପରେ କହିଲେ ଯେ, ଭିକ ମାଗି ଆଣିବ ଏବଂ ଆମକୁ ପୋଷିବ ବୋଲି କୁହାକୁହି ହେଲେ । ହେଲେ କିପରି କଣ କଣ ବାଜା କରିଦେଲେ ଖାଇବାକୁ ମାଗିବା ପାଇଁ ଯିବ । ଡମମାନେ ବାଉଁଶ କାଟୁଥିଲା ସମୟରେ ଶାଗୁଣା ଗୋଟିଏ ବାଉଁଶ ନେଲା, ତା'ପରେ ନିଆଁ ଆଣିଲେ ଏବଂ କଣା କଣା କଲେ । ଆଉ ମାଗି ଖାଇବାକୁ ବେଗ ଗୋଟିଏ ଦେଲେ ମୁଁ ତ ଗୀତ ଗାଇଜାଣେ ନାହିଁ କିପରି ଭିକ ମାଗିବି ବୋଲି କହିଲା । ତମକୁ ପିମ୍ପୁଡ଼ି କାମୁଡୁଥିଲା ସେତେବେଳେ ମୁଁ ଯାଇ ଛଡ଼େଇ ଆଣିଲି ହେଲେ ଆଜିକାଲି ବଡ଼ ହେଲୁ । ତମେ ଯାଇ ଭିକ ମାଗିଆଣି ଆମକୁ ପୋଷିବ ବୋଲି କହିଲା ।



# ବୋକା ଶିଷ୍ୟ

**ଅନଟା ଋଷି ରାଚାସ୍ । ତାମହାଁଏ ସୁୟେଟା ଚେଲା ରାଚାର୍ । ଋଷି ଓ ଚେଲା ଯାମାର ବନବାସ୍ କାଲନାଏଁ ବାକେନ୍ ଚେଲା ଜାମାର୍‌ଗି ଚଟୀ ମାଲ୍ଲାରୁଦ୍ । ଆର ତାମ୍ ହାଏଁ ଗୁରୁସିନ୍ ତେଙ୍ଗିୟାର ଯେ ଇଦିନମେନିକିରି ଗୁରୁ ତେଙ୍ଗିୟାସ୍, ନିମାହାଁଏ  ପାଦୁ କିୟାଁ ସମାନ ସମାନ ରୁଗ୍‌ଡି ଉୟାଗେତେଙ୍ଗିଆସ ପାଞ୍ଚେଟା ଚେଲା ସମାନ ରୁଗ୍‌ଡି ଉଇୟାର୍, ଅନ୍‌ଟା ଚେଲା ଖାଲି ଅଣ୍ଟା ପାଦୁନୁ ଛୋଟେ କାଟେ ରୁଗ୍‌ଡିଅଣ୍ଟା ଆରୁ ଅଣ୍ଟା ପାଦୁନୁ ବାଡ୍‌କା କାଟେ ରୁଗ୍‌ଡି ଉଇୟାସ୍ ବାକେନ ସାଫାରଗି ସମାନ ସମାନ ଚଟୀ ମାନ୍‌ଚା ତାଙ୍ଗହାଏଁ ଖାଲି ଛୋଟେ ବାଡ୍‌କା ଚଟୀ ମାନଚା**

ଜଣେ ଋଷି ଥିଲେ । ତାଙ୍କର ଛଅ ଜଣ ଶିଷ୍ୟ ଥିଲେ । ଥରେ ଋଷି ଓ ଶିଷ୍ୟମାନେ ବନବାସ ବାହାରିଲେ କିନ୍ତୁ ଶିଷ୍ୟ ମାନଙ୍କର ଚପଲ ନଥିଲା । ସେମାନେ ଯାଇ ତାଙ୍କର ଗୁରୁଙ୍କୁ କହିଲେ ଯେ ତାଙ୍କର ଚପଲ ଦରକାର । ଏହା ଶୁଣି ଗୁରୁ ଶିଷ୍ୟମାନଙ୍କୁ ତାଙ୍କର ପାଦ ତଳେ ସମାନ ସମାନ ଗୋଡ଼ି ରଖିବା ପାଇଁ କହିଲେ । ପାଞ୍ଚ ଜଣ ଶିଷ୍ୟ ତାଙ୍କର ପାଦ ତଳେ ସମାନ ସମାନ ଗୋଡ଼ି ରଖିଲେ । ମାତ୍ର ଗୋଟିଏ ଶିଷ୍ୟ ଗୋଟିଏ ପାଦ ତଳେ ଛୋଟ ଗୋଡ଼ି ଆଉ ଗୋଟିଏ ପାଦ ତଳେ ବଡ଼ ଗୋଡ଼ି ରଖିଲା । ସମସ୍ତଙ୍କ ପାଦରେ ସମାନ ସମାନ ଚପଲ ହେଲା କିନ୍ତୁ ସେହି ଗୋଟିଏ ଶିଷ୍ୟର ପାଦରେ ଗୋଟିଏ ବଡ଼  ଓ ଗୋଟିଏ ଛୋଟ ଚପଲ ହେଲା ।



**ଆର କାତେ କାତେ ଅଣ୍ଟାମାନନୁ ମୁଲିନୁ ସୁସ୍‌ତାରାଚାର୍ । ଆକୁନ ତାମାଗେ କିରସି କାମାଗେ ହାଲୁଗଡ଼ା ଦାରକାରରାଝ ଇଦିନ ଆର ତାମ୍‌ହେଁ ଗୁରୁସିନତେଙ୍ଗିଆର, ଗୁରୁସ୍ ତେଙ୍ଗିଆସ୍ ବାଡ଼କା ଝଝ ଆଛାଗେ, ଆରୁ ନେଦଯେତକିବାଡ଼ାକାଝଝ ଆଛର୍, ତାଘଂାୟ ସେତକି ବାଡ଼କା ଜାଗାମାନଦ । ଆ ଭାକୁଆ ଚେଲାସ୍ ଆଘିଲିନ୍ତି ଛଟେବୋଡ଼କାଗୁଡ଼ି ତାଘେଂ ପାଦକିୟ ଉଇକାଝଷ୍ ଯେନ ଲାଗାନ କା ତାଘେଂ ଚଟି ଛଟେ ବାଡ଼କା ମାଞ୍ଜିକିଝ । ଆସଭାବ୍ ଝଷ ଆକୁନ ଯେତେରଗିନ୍ତି ଛଟେ ଝ ଝ ଆଛନ୍ । ଯାମାର ଝ ଝ ଧାର୍ ଝର ଆଛିଆର୍ । ଯାମାଗିବାଡ଼କା ବାଡ଼କା ଆଡ୍ଡାମାଞ୍ଜ୍‌କୁନ୍ ଭାକୁଆଚେଲାସେ ଛଟେ ଆଡ଼ା ମାଞ୍ଜା । ଯାମାର ଖୁସି ରାଝର ଲେକିନ୍ ଭାକୁଆଚେଲାସ୍ ଦୁଃଖୁନୁ ରାଝସ୍ ।**

ସେମାନେ ଯାଉ ଯାଉ ଗୋଟିଏ ଗଛ ମୂଳେ ବିଶ୍ରାମ ନେଲେ । ଏବେ ସେମାନଙ୍କୁ ଚାଷ କରିବା ପାଇଁ ଜମି ଦରକାର ଥିଲା । ଏହା ସେମାନେ ତାଙ୍କର ଗୁରୁଙ୍କୁ କହିଲେ । ଗୁରୁ କହିଲେ ବଡ଼ ପଥର ଫିଙ୍ଗିବା ପାଇଁ ଓ ଯିଏ ଯେତିକି ବଡ଼ ପଥର ଫିଙ୍ଗିବ ତା'ର ସେତିକି ବଡ଼ ଜାଗା ହେବ । ସେହି ବୋକା ଶିଷ୍ୟ ଆଗରୁ ଛୋଟ ବଡ଼ ଗୋଡ଼ି ତା'ର ପାଦ ତଳେ ରଖିଥିଲା ଯାହା ଫଳରେ କି ତା'ର ଚପଲ ଛୋଟବଡ଼ ହୋଇଯାଇଥିଲା । ସେ ଭାବିଲା ଏବେ ସେ ସମସ୍ତଙ୍କ ଠାରୁ ଛୋଟ ପଥର ଫିଙ୍ଗିବ । ସମସ୍ତେ ପଥର ଧରି ଫିଙ୍ଗିଲେ । ସମସ୍ତଙ୍କର ବଡ଼ ବଡ଼ ଜାଗା ହେଲା କିନ୍ତୁ ସେହି ବୋକା ଶିଷ୍ୟର ଛୋଟ ଜାଗା ହେଲା । ସମସ୍ତେ ଖୁସି ଥିଲେ କିନ୍ତୁ ସେହି ବୋକା ଶିଷ୍ୟଟି ଦୁଃଖରେ ଥିଲା ।




# ଆଗ୍ହିଲନ୍ତା ଭୂତ୍ତି (କାମର ମୂଲ)

**ପାଚ୍ଚୋ ପାଚକି ଯଢ଼େ ରାଚାର୍ । ଆବ୍ଡାର ହାର୍ବୁନ୍ତି କିଙ୍ଗୀ, ତେଲା, ଡଏଁ, ଟାଠା ଆଉର କାନ୍ଦା ଅନ୍ଦରା କି ଚାଲ୍ରାଲିଆର । ଉନ୍ଦୁଲ ତାମ୍ ଚିନ୍ତା ନାଞ୍ଜାର ନାମ୍ ନିଅଁ ଉଲ୍ ହାର୍ବୁନ୍ ଆସରା କାମତ୍ ? ନାମ ଚାଷବାସ୍ ନାନତ୍ ଆଉର ଚାଲ୍ରତ୍ । ବିହିନି ବେଦ୍ଦାଗେ କେରାର । ବିହିନି ବେଦ୍ତେ ବେଦ୍ତେ ଅନ୍ଟା କହା ପଖାରୀ ହାଖ୍ଣିଆର । ପଖାରୀ ମାଝାନୁ ଡିପ୍ପାନୁ ହେସ୍ସୁ ପାନାଲିଆ । ପଖାରୀନୁ ଢେର ଆମ୍ପୁ ରାଚା । ଆବ୍ଡାର ହେସ୍ସୁ ସାନଗେ ଆଣ୍ସା ପଲ୍ଲାର୍ । ପଖାରୀ ଖାଣିନୁ ଅନ୍ଟା ଅସ୍କା ରାଚା । ଆସିନ୍ ବା ଚାର ପଖାରୀନ୍ତା ହେସ୍ସୁ ବନ୍ ଅନ୍ଦରା- ଟା । ଏମ୍ ଚାଷ ନାନ୍ମ । ଏମ୍ ନିଙ୍ଗାନ ଭୂତ୍ତି ଟିଅମ୍ । ଅସକା ବାଚା - ଠିକ୍ ରାଇ ଏନ୍ ହେସ୍ସୁ ଅନ୍ଦରନ୍ ଟିଅନ୍ । ପଖାରୀ ମାଝାଗେ ଏସକେ କନ୍ ଚିନ୍ତା ନାଞ୍ଜା । ଅସ୍କା**

ବୁଢା ବୁଢୀ ଦୁଇ ଜଣ ରହୁଥିଲେ । ସେମାନେ ଜଙ୍ଗଲରୁ ଚାର, କେନ୍ଦୁ, ଟୋଲ, ଆମ୍ବ ଏବଂ କନ୍ଦମୂଳ ଖାଇ ଚଳୁଥିଲେ । ଦିନେ ସେମାନେ ଚିନ୍ତା କଲେ ଆମେ ଏମିତି କେତେ ଦିନ ଜଙ୍ଗଲକୁ ନିର୍ଭର କରି ଚଳିବା । ଆମେ ଚାଷବାସ କରି ଚଳିବା । ମଞ୍ଜି ସଂଗ୍ରହ କରିବା ପାଇଁ ଗଲେ । ମଞ୍ଜି ଖୋଜି ଖୋଜି ଗୋଟିଏ ବଡ ପୋଖରୀ ପାଇଲେ । ପୋଖରୀ ମଝିରେ ଥିବା ଏକ ଜାଗାରେ ଧାନ ପାଚିଥିଲା । ପୋଖରୀରେ ବହୁତ ପାଣି ଥିଲା । ସେମାନେ ଧାନ ପାଖକୁ ପହଞ୍ଚିପାରିଲେ ନାହିଁ । ପୋଖରୀ ହିଡରେ ଗୋଟିଏ ମୂଷା ରହୁଥିଲା । ତାକୁ ପୋଖରୀର ଧାନ ଆଣିବା ପାଇଁ କହିଲେ । ଆମେ ଚାଷ କରିବୁ ଏବଂ ଆମେ ତୁମକୁ ଏହାର ଦାମ୍ ଦେବୁ । "ମୂଷା କହିଲା ଠିକ୍ ଅଛି ମୁଁ ତୁମକୁ ଧାନ ଆଣି ଦେବି ।" ପୋଖରୀ ମଝିକୁ କିପରି ଯିବ ଚିନ୍ତା କଲା ।



**ଅସକା ଏକ୍‌କାନ୍ ଏଙ୍ଗାନ୍ ପଖାରୀ ମାଝାଗେ ଆଣସ୍ତାର୍‌ – "ଏନ୍ଦେର୍ ଗେ ଆଣ୍‌ସତନ୍ ?" ଅସ୍‌କା ବାଚା – ଏନ୍ ହେସ୍‌ସୁ ଅନ୍ଦରାକି ପାଚ୍‌ଚୋ ପାଚ୍‌କିରଗେ ଚିଅନ୍, ଆବ୍‌ଡାର ଚାଷ ନାନର । ଏକ୍କା ରାଜି ମାଞ୍ଜା । ଅସ୍‌କାଏକ୍କାଗେ ମେଦୁନୁ ଅକ୍କିଆ । ହେସ୍‌ସୁ ସାନ ଆଣ୍‌ସିଆର । ହେସ୍‌ସୁ ଅନ୍ଦ୍ରାକରି ପାଚଚୋ ପାଚକିରିନ୍ ଚିଚ୍‌ଚା । ଅକ୍ଷୟ ତୃତୀୟା ଉଲ୍ଲା ମୁଁଇଟ ବିଇ୍‌ଚାର ଆଉର୍ ବାଟି ଖାଲିନୁ ଚାଷ ନାଞ୍ଜାର୍ । ଚାଷ ହିଁ ବଢିଆଁ ମାଞ୍ଜା । ଉନ୍ଦୁଲ ଅସ୍‌କା ଚାଷ ଏରା ବାରଚା । ପାଚଚୋ ପାଚ୍‌ଗିରଗେ ଚାଷବନ୍ ଏରିଆ । ତାଙ୍ଗେ ଖାଲି ବାଟିନୁ ଗାଙ୍ଗେଇ, ମାଣ୍ଡିଆ, ଜଣ୍ଡରା, ହେସ୍ସୁ ରାହ୍‌ଡି, ମାସି ଆଉର ହାରିଆ ଆଡ୍‌ହା ଏରାକୁନ୍ ଅସ୍‌କା ବହୁତ ଖୁସି ମାଞ୍ଜା । ପାଚ୍‌ଚୋ ପାଚକିର ଧନି ମାଞ୍ଜାର । ପାଚ୍‌ଚୋ ପାଚକି ଅସକାଗେ ଭୂତ୍‌ତି ଚିଚାର । ଅସ୍‌କ ବାଚା – ଏଙ୍ଗାଏ କୁଲ୍ଲ ଛଟେ ରାଇ । ଏନ ଇବନ୍ କୁମ୍ବା ଗେ ହୁଆ ପଲ୍ଲନ । ଏନ୍ ଇସାନ ରନ ଆଉର ଏଙ୍ଗେ ଭୂତ୍‌ତିଁବନ୍ ଅନନ୍ । ହୁ ଉଲ୍‌ତିନ୍ ଅସ୍‌କାଦ୍ ହେସ୍‌ସୁ, ତିଁହାଲ, ଆଡ୍‌ସକା ମାଁସି ଗୁଠିନ୍ ମହା କିରି ଆଡ୍‌ପାନୁ ରାଇ ।**




ମୂଷା କଇଁଛକୁ କହିଲା ମୋତେ ପୋଖରୀ ମଝିକୁ ପହଞ୍ଚାଇ ଦିଅ । କଇଁଛ କହିଲା କଣ ପାଇଁ ପହଞ୍ଚାଇବି ? ମୂଷା କହିଲା ମୁଁ ଧାନ ଆଣି ବୁଢା ବୁଢୀକୁ ଦେବି, ସେମାନେ ଚାଷ କରିବେ । ଏଥିରେ କଇଁଛ ରାଜି ହେଲା । ମୂଷା କଇଁଛର ପିଠିରେ ବସିଲା । ଧାନ ପାଖକୁ ପହଞ୍ଚିଲା । ଧାନ ଗୁଡିକୁ ଆଣି ବୁଢା ବୁଢୀକୁ ଦେଲା । ଅକ୍ଷୟ ତୃତୀୟା ଦିନ ପୂଜାକରି ଜମିରେ ଚାଷ କଲେ । ଚାଷ ବହୁତ ଭଲ ହେଲା । ଦିନେ ମୂଷା ଚାଷ ଦେଖିବା ପାଇଁ ଆସିଲା । ବୁଢା ବୁଢୀର ଚାଷ ଦେଖିଲା । ତାଙ୍କର ବାଡି ଖଳାରେ ମକା, ଧାନ, ମାଣ୍ଡିଆ, ହରଡ, ବିରି ଏବଂ ବାଡି ସାରା ସବୁଜ ଶାଗ ଦେଖି ମୂଷା ବହୁତ ଖୁସି ହେଲା । ବୁଢା ବୁଢୀ ବହୁତ ଧନୀ ହୋଇଗଲେ । ବୁଢା ବୁଢୀ ମୂଷାକୁ ଦାମ୍ ଦେଲେ । ମୂଷା କହିଲା, "ମୋର ଛୋଟ ପେଟ ଅଛି । ମୁଁ ଏ ସବୁ ବୋହି ନେଇ ପାରିବି ନାହିଁ । ମୁଁ ଏଠାରେ ରହି ଖାଇବି ।" ସେହି ଦିନଠାରୁ ମୂଷା ଚାଉଳ, ଧାନ, କୋଳଥ, ବିରି ଗୁଡିକ ଖାଇ ଘରେ ରହୁଛି ।

# ଫାଲ୍‌ଗୁନୀ ଗୀତ

ଦୁଃଖିଧନନୀଳମଣିରେ    ଆୟାଂବାରା ନେର୍ ମେହର୍‌ଆଙ୍ଗାନ୍
ଓୟୁ ଗୁଠି ଧାରୟା କିର୍ତ୍ତା ବାକେନ୍    ନେଖେ ଲାଗିନ୍ ଅକ୍କନ୍ ଇସାନ୍ ? (୧)
ଏକ୍ଲୁ ବିଁସା ଅନ୍ଦର୍‌କୁନ୍ ପାନୁ    ଅହ୍ଲାରା ନେର୍ କାମର ଅଳି,
ରାଗ କାମ୍‌ଚୁକୁନ୍ ବେଚୟର୍ ଧୁଳି    ଦୋଳି ନେଉ ବେଚରକାନି ପାଣ୍ଡୁନୁ ? (୨)


ଏକ୍ଲୁଯଦି ଦହିରଦ
ନେର୍ ଇବ୍ଲାନ୍ ଲବଣିମହର,
ମାନ୍ନରା ଖୁସିନୁ  ଗାୟ  ଦୁଧ୍ ବିନାଗେ
ଏପୁ ଧାରରା ନେର୍‌କର୍ ହେଖ୍ଖାନୁ ? (୩)
ବେଚା କେରକୁନ୍ ପାବୁନୁ
ଧୁଳିଖାତ୍ରି କିଦ୍ କୁକ୍କୁନୁ
କଲିନାଞ୍ଜ୍‌କୁନ୍ ନେର୍ 'ଆୟାଂ ଆୟାଂ' ବାରା
କବଁ କଇଁ ରାନ୍ ନେଖେ ଅଲ୍ଲହଏ,



ଯେନ୍‌ଉଲାକନ୍‌ମଧୁପୁରଗେ    ଏରନ୍‌ନେଖେମୁହିଁଗେ ?
କହେବଇଷ୍ଟବନିଶ୍ଟେଆଘେଂଜିଆକଦ୍    ମୁରଛନଛନ୍‌ଗଲାମାଲିଏକାନେ ?(୫)

# ଭଜନ

ଧାରାମ୍‌କାରାମ୍ ବାଆଦାର୍ ଭାଇ ବୁହୁନି ଗୁଠିଆର
ଧାରାମ୍ ନାହ୍ନାଏଁ ନେକେସାନ୍ ଆତଲି କାରାମ୍ ନାହ୍ନାଏଁ ନେକେସାନ୍ ରାଇ ।
ଧାରାମ୍ ନାହ୍ନାଏଁ ରାଇ କାରାମ୍ ନାହ୍ନାଁଏ ରାଇ ଜିଆନୁ ସଚଏ ଜିଆନୁ ରାଇ
କାରାମ ନାମହେ ମେଦୁନୁ ରାଇ ।
ଧାରାମ୍ ନାହ୍ନାଏଁ ରାଇ କାରାମ୍ ନାହ୍ନାଏଁ ରାଇ ଗାରିବ୍ ଦୁଃଖି ସେଓ୍ୱାନୁ ରାଇ
ଗାରିବ୍ ଦୁଃଖି ଶୁଶ୍ରୁଷାନୁ ରାଇ ।



ଧର୍ମ କର୍ମ କରିବା
ଭାଇ ଭଉଣୀ ମାନେ,
ଧର୍ମ ଆମର କାହାଠି ଅଛି
କର୍ମ ଆମର କାହାଠି ଅଛି ।
ଧର୍ମ ଆମର ଅଛି,
କର୍ମ ଆମର ଅଛି,
ଜୀବନରେ ଭାବିଲେ
ଜୀବନରେ ଚିନ୍ତିଲେ,
କର୍ମ ଆମର ଶରୀରରେ ଅଛି ।
ଧର୍ମ ଆମର ଅଛି,
କର୍ମ ଆମର ଅଛି,
ଗରିବ ଦୁଃଖି ଲୋକଙ୍କର ସେବାରେ ଅଛି,
ଗରିବ ଦୁଃଖି ଲୋକମାନଙ୍କର ଶୁଶ୍ରୁଷାରେ ଅଛି ।

# କରମା ଗୀତ

ଗନ୍ଦୋତା ଚାନ୍ଦୋ ଝିଲିମିଲି ଗନ୍ଦୋ
ନେ ଚିଗ୍ଗର ସୁନା ଦାନ୍ ନେ ଚିଗ୍ଗର ରୂପା ଦାନ୍
ରାଜା ଚିଗ୍ଗସ ବାଛୁରୀ ଦାନ ।୧ ।
ଗନ୍ଦୋ . . .

ଯେନ୍ତା ବାନାବାଦାନ୍ ସୋନା ରୂପା ଯେନ୍ତା ବାନାବାଦାନ୍ ହୀରା ମୋତି
ନିଙ୍ଘେ ପାଦୁ ଚରଣ ଯୁଡ଼ା ହାତୀ କାମାଦାନ୍ ବିନତୀ ହୋ ସତ୍ୟ ମାହାପୁରୁ ।
ନିଙ୍ଘେ ଯୁଡ଼ା ଚରଣ ଏଙ୍ଗେ ଯୋଡ଼ା ବିନତୀ
ନିଙ୍ଘେ ପାଦୁ ଚରଣ କାମାଲ୍‌ଦାନ୍ ବିନତୀ ହୋ ସତ୍ୟ ମାହାପୁରୁ ।
ଗନ୍ଦୋ . . .

ଜହ୍ନରେ ଜହ୍ନ ତୁମେ ଝିଲିମିଲି ଦିଶ
କେ ଦେବ ସୁନାଦାନ କେ ଦେବ ରୂପାଦାନ
ରଜା ଦେବେ ବାଛୁରି ଦାନ
ଯେପରି ତିଆରି କର ସୁନାରୁପା
ସେମିତି ତିଆରି କର ହୀରାମୋତି
ତୁମର ପାଦୁକୁ ଯୋଡ଼ାକରେ
କରୁଛ ବିନତିହେ ସତମାହପୁର
ତୁମକୁ ହାତରେ କରୁଛି ସୁରଣ
ମୁଁ କରେ ବିନତୀ
ତୁମ ପାଦେକୁ କରୁଛି ଶରଣ ହୋମହାପୁରୁ

# କିସାନ ଗୀତ (୧)


ପାବୁନ୍ତା କୁରୁଲୁ ପୁଁପୁ କେରା କେରା
ପାବୁନ୍ତା କୁରୁଲୁ ପୁଁପୁ  କେରା କେରାକେରା
ଏଘେଂ ମାମୁଁ କେରକାନାର୍ ଓଡିଶା ରାଜି
ଓଡ଼ିଶା ରାଜିନୁ ଖାତ୍ର୍ କିଟା ଯୋଡେ ସଟାଆ
ଘୁନଟା ଘୁରି ବାଙ୍ଗ ବାହାଡା ଯାତାରା

କୁରୁଲୁ ଫୁଟେ ଗୁଚ୍ଛା ଗୁଚ୍ଛା, ପଥର କୁରୁଲୁ ଫୁଟେ ଗୁଚ୍ଛା ଗୁଚ୍ଛା, ମୋର ମାମୁଁ ଯାଇଛନ୍ତି ଓଡ଼ିଶା ରାଇଜ, ଓଡ଼ିଶା ରାଇଜରେ ପଡ଼ିଲା ଦୁଇବେତ । ଗୁଣ୍ଡିଚ଼ା ଯାତ୍ରାରେ ସାଙ୍ଗ ବାହୁଡ଼ା ଯାତ୍ରା ।



# କିସାନ ଗୀତ (୨)

ପିଟା ପନିଆ ଚେଁପୁଁ ପୁୟାଲି ରେ
ପିଟା ପନିଆ ଚେପୁଁ ପୁୟାଲି
ଜଡୁ ପାଖିପାଖି, ଛୁଡ୍‌ଡି ଡେ ଗାଲି
ଛୁଡ୍‌ଡି ଡେଗାଲି
ସାଙ୍ଗୋତା କାସ୍ପା କୁଦ୍‌ଦାଲିରେ
ସାଙ୍ଗୋତା କାସ୍ପା କୁଦ୍ ଦାଲି ।



ଅଳପ ଅଳପ ବରଷା ବରଷୁଛିରେ,
ଅଳପ ଅଳପ ବରଷା ବରୁଷୁଛି,
ଝରଣାର ଧାରେ  ଧାରେ ଜିଆ ମାଛ,
ଡ଼ିଆଁ ମାରୁଛିରେ ଡ଼ିଆଁ ମାରୁଛି,
ସଙ୍ଗାତ ଅଣ୍ଡାଳି ବୁଲୁଛିରେ,
ସଙ୍ଗାତ ଅଣ୍ଡାଳି ବୁଲୁଛି ।

# କିସାନ୍ ଗୀତ (୩)

ମିତା ପୁୟାଁ ଚେପୁ ପୁୟାଲି . . .୨
ଯଡୁ ପାଖି ପାଣି ବେଙ୍ଗା ଡେଗାଲି . . .୨
ସାଙ୍ଗ ପେଲୋ କାପା କୁଦାଲି ଏ ଯୁବା ଝାଲି ମହର ବାଦିଲି
ସାଙ୍ଗ ପେଲୋ କାପା କୁଦାଲି. . . ୨
ହେରୁ ଚୁଉତିଆ ଚିନ୍ଦୁନୁ ସାଙ୍ଗ ଏପସରା କେରା ମାଝା ହାର୍ ବୁନୁ . . .୨
ଏ ଦେର ବନ୍ଦ ଢେଙ୍ଗନ୍ ଆଡ଼ପାନୁ ଭ ଏ ନୁରା ନୁରା ନିମ୍ବେ ପାଡା ତାରା
ଆମ୍ବାଚିଆ ଆରକି ଝାରା ଏ ନୁରା ନୁରା ଆମ୍ବାଚିଆ ଆରକି ଝାରା



ଝୁପୁର୍ ଝୁପୁର୍ ବର୍ଷା ଆସୁଛି, ନଈ ତରା ତରା ବେଙ୍ଗ ଡେଉଁଛି, ସାଙ୍ଗ ଝିଅ ଧରି ବୁଲୁଛି, କଳା ମେଘର ବର୍ଷା ଆସୁଛି, ସାଙ୍ଗ ଝିଅ ଧରି ବୁଲୁଛି । କୁକୁଡ଼ା ଶୋଇଛି ପାଉଁଶରେ, ସାଙ୍ଗ ହଜିଗଲା ମଝୀ ଜଙ୍ଗଲରେ । କହିବି ଘରେ, ତୁମର ପଡାରେ, ଛାଡିଦିଅ ଦାରୁ କୁସୁନା, ଛାଡିଦିଅ ମଦ କୁସୁନା, ମଦ କୁସୁନା ଲାଗି ରାତିରେ ନଲାଗେ ନିଦ । ଆମ୍ବ ପତ୍ର ଝୁଙ୍କା ଝୁଙ୍କା, ଆମ୍ବ ଫଳିଲେ ଚଟଣି ଦେବା ନଈ ତୀରେ ତୀରେ ବେଙ୍ଗ ଡେଉଁଛି ?

ଏ ନୁରା ନୁରା ଆରକି ଝାରା ମାହାଁ ମା ଲାଗି ଝୁମୁରା

ଟାଠା ଆଥା ରେମା ରେମା

ଟାଠା ହାଞ୍ଚା ହେଲେ ଚଟନି ଦେମା
ସାଙ୍ଗୀ ସିନେ ନେଉତା କାମତ୍
ଏ ସାଙ୍ଗୀ ସିନେ ନେଉତା କାମତ୍
ଏ ସାଙ୍ଗ ସୀତା ଲବଙ୍ଗ ଲତା

ରାଧା ଗାନେ ଯେ ଲଲିତା . . . ୨

ବାରାଲି ଲରି ମଟର
ଲରି ମଟରନୁ କୁକାଏ ଡାଏବର
ଏସ୍‌କେ ଚାଲ୍‌ାବ ମଟର
ଏ ସାଙ୍ଗକେ ନିଙ୍ଗେସ୍ ସାଙ୍ଗିକେ
ଏସ୍‌କେ  ମଦରସ ନିଙ୍ଗାନକେ
ମିତା ପୁଆଁ ଚେପୁ ପୁୟାଲି

ଯଡୁପାଣି . . . ୨

ବେଙ୍ଗା ଡେଗାଲି  . . . ୨

ସାଙ୍ଗ ପେଲୋ କାପା କୁଦାଲି
ଏ ଯୁବା ଝାଲି ମହଲ ବାଦିଲି

ମିତା ପୁୟାଁ ଚେପୁ ପୁୟାଲି ।

ସାଙ୍ଗ ମାନଙ୍କୁ କୁଣିଆଁ ଡାକିବା,  ଏ ସାଙ୍ଗ ସୀତା ଲବଙ୍ଗ ଲତା ।  ରାଧା ଗୀତରେ ଯେ ଲଲିତା,  ଆସୁଛି ଗାଡି ମଟର, ଗାଡି ମଟରରେ ଝିଅ ଡ୍ରାଇଭର,  କେନତା  ଚଲାବା ମଟର,  ଏ ସାଙ୍ଗ ତୋର ସଙ୍ଗାକେ,  କେନତା ଲେ ବା ମଟର, ଏ ସାଙ୍ଗ ତୋର ସଙ୍ଗାକେ,  କେନତା ପାସରିବା ତକେ,  ଝୁପୁର୍ ଝୁପୁର୍ ବର୍ଷା ଆସୁଛେ । ନଈ ତରା ତରା ବେଙ୍ଗ ଡେଗୁଛେ । ସାଙ୍ଗ ଝିଅ ଧରି ବୁଲୁଛି,  କଳା ମେଘର ବର୍ଷା ଆସୁଛି,  ଝୁପୁର୍ ଝୁପୁର୍ ବର୍ଷା ଆସୁଛି ।

# କିସାନ ଗୀତ (୪)

ଜତୁନତା ଇଞ୍ଜୋ ଅରଗାଲି ହେ ।

ଜତୁନତା ଇଞ୍ଜୋ ଆରଗାଲି ହେ ।

ସାଙ୍ଗୋ ତାରା କେରାନ୍ଙ୍ଗେ ହେସ୍ସୁ ହୟାଲି

ହେସ୍ସୁ ହୟାଲି

ଅକ୍କାଗେ କାଣ୍ଡୋ ଚିଆ ଲିଦ ହୋ

ଅକ୍କାଗେ କାଣ୍ଡୋ ଚିଆ ଲିଦ ହୋ ।



ଝରଣାର ମାଛ ଉପରକୁ ଚଢୁଛି ହୋ । ଝରଣାର ମାଛ ଉପରକୁ ଚଢୁଛି ହୋ । ସଙ୍ଗାତ ପାଖକୁ ଯେ, ଧାନ କାଟୁଛି ହୋ ଧାନ କାଟୁଛି , ବସିବାକୁ ପିଢ଼ା ଦେଉଛି ହୋ ବସିବାକୁ ପିଢ଼ା ଦେଉଛି ହୋ ।

# କିସାନ ଗୀତ (୫)

ସୁନାଗେ ମୁଦିବନ୍ ଏକା ଘାଟିନୁ ଏପସି୍ଚିକି

ଗଂଗା ଜୋଡୁଗେ ମାଝା ଧାରୁନୁ ଏପସ୍‌ରାଲା ଭାଇ

ଗଙ୍ଗା ଜୋଡୁଗେ ଏତ୍‌ତାକାତ୍ ବାକେନ ମାନି ମାଞ୍ଜି


ଲେଖେ ଆଲ ରାଚକାତ୍‌ଲେ ଭାଇ ବନ୍ଧୁର

ଗଙ୍ଗା ଜୋଡୁଗେ ମାଝା ଧାରାନୁ ନେଦ୍ ଇଞ୍ଜୋପିଟିଆର

ଇଞ୍ଜୋଗେ ନିଅଁ ପାଇସା ହଦ ।



ସୁନାର ମୁଦି କେଉଁ ଘାଟରେ ହଜାଇଦେଲୁ, ଗଙ୍ଗା ନଦୀର ମଝି ଧାରରେ ହଜିଗଲା ଭାଇ, ଗଙ୍ଗା ନଦୀରେ ଉଦ୍ଧେଇଲା ସମୟରେ ସୋରିଷ ମଞ୍ଜି ପରିଲୋକ ଥିଲୁରେ । ଭାଇ ବା ବନ୍ଧୁ, ଗଙ୍ଗାନଦୀର ମଝି ଧାରରେ କିଏ ମାଛ ମାରେ, ମାଛରଦାମ୍ କେତେ



# କିସାନ ଗୀତ (୬)

କଙ୍କୋ ଡୁମାରୀ ଲେଦି ପାୟଣା
ଧିରେ ଧିରେ ଏକୟୋ ସୁନ୍ଦାରୀ ପେଲୋ
ପୁଷପୁନି ତିସାଝାରା .. .
ଝାରା ଲାଗାନ୍ କରଅୟଲା ଜହଁ ।
ନାଦୁ ନାଦୁ ବାନାର ବାଡନ୍ଦାନାଦୁ
ବାଡ଼ନ୍ଦା ନାଦୁ ପାରେ ବାଡେଟେ ରାଚା ।

ଗୁଚ୍ଛା ଗୁଚ୍ଛା ଡୁମ୍ବେର ବଙ୍କା ପଇଁରୀ ପିନ୍ଧିଚୁ, ଧିରେ ଧିରେ ଚଲିବୁରେ ସୁନ୍ଦରୀ ବହୁ, ପଉସ ମାସର ଖଟା କୁସୁନା, କୁସୁନା ପିଇବା ବାହାନାରେ ପସିବୁରେ ପିଲା, ଭୂତଭୂତ କହନ୍ତି ବାଡ଼ନ୍ଧା ଭୂତ,ବାଡନ୍ଧା ଭୂତ ବହୁବଡ଼ ଥିଲା ।

# ଉଦ୍‌ବୋଧନୀ ସଂଗୀତ

ବାରା ବାରା ଭାଇ ବନ୍ଧୁର ଅଣ୍ଟାସାନ ଅକକ୍‌ତ୍,
ନାହ୍ନେଁ ସମାଜ୍‌ନ୍ତା ଦୁଃଖ ସୁଖର କାଥା ଗୁଠିନ୍ ଫସତ୍ ।
ନେଦ୍ ଆତଲାଦ୍ ବାଣାଏଁ ନେଦ୍ ଆତଲାଦ ବାମୁଣ୍ଡା
ଏନ୍ନେ ଭାବେ ରାଜି ଭାଉଁରେ ବାଡ଼୍‌କା ଆତ୍‌ଲି ଛାମୁଣ୍ଡା,
ନେର୍ ମାଷ୍ଟର ନେର୍ ଓକିଲ ନେର୍ ମାଜିଷ୍ଟ୍ରର ଆତ୍‌ଲାତ୍,
ରାଜି ଚାଲାବା ଲାଗାନ୍ ଏମ୍‌ଲେ ମନ୍ତ୍ରୀ ମାଞ୍ଜିକାତ୍ ।
ଇଧାରା ପାବୁ ଗୁଠିନ୍ ଜତନ କଲା ଇୟତ୍,
ତେବେ ସିନା ହୁର୍ମି ବାକେନ୍ ମିୟାଁନୁ ରୁଅତ ।
ଇଦ୍‌ଗେ ଲାଗାନ୍ ନାହ୍ନେଁ ସମାଜ ମାନତ୍ ଅଣ୍ଟା ଭେଲା।
ଭାଇ ବାଁଶାର୍ ବନ୍ଧୁ ଗୁଠିଆର ଆମ୍‌କେ ମାନା ହେଲା ।



ଆସ ଆସ ଭାଇ ବନ୍ଧୁ ଗୁଟେଠାନେ ବସମା, ଆମର ସମାଜର ଦୁଃଖର ସୁଖର କଥା ସବୁ ଲାଗମା । କିଏ ଅଛ ବଣାଇ କିଏ ଅଛ ବାମ୍‌ତା, ଏନ୍ତା ଭାବେ ରାଜ୍ୟ ଭାଉଁରେ ବଡ଼ ଅଟେ ଛାମୁଣ୍ଡା । କିଏ ମାଷ୍ଟର କିଏ ଓକିଲ କିଏ ମିଜିଷ୍ଟ୍ରର ଅଛନ, ରାଜ୍ୟ ଚଲାବର ଲାଗି ଏମଲେ ମନ୍ତ୍ରୀ ଭି ବିନିଛନ୍ । ଇ ନିୟମ ରାସ୍ତା ସବୁ ଜତନ କରି ରଖମା, ତେବେ ସିନା ସବୁ ବେଲେ ଭଲ କରି ରହେମା । ହେଥିର ଲାଗି ଆମର ସମାଜ ହେମା ଗୁଟେ ଭେଲା, ଭାଇ ବନ୍ଧୁ ମାନେ ସବୁ ନି ହୁଅ ହେଲା ।

# କିସାନ୍ ଗୀତ

| | | |
|---|---|---|
| ନାଗ ପୁର ଧାରୁ | ପିତୃ ପିତା ବାରଛର | |
| ଇସାନବାରିକିରି | ସ୍ଥାୟୀ ବାସିନ୍ଦା ମାନଛର | ।।୧।। |
| ସାମାଜିକ ନିୟମ | ଆର ଯେତେ ଗାଢ଼ଛର | |
| ଆକୁନ ଖାତ୍‌ରିକିଟି | ତାଘେଂ ଶୁଦ୍ଧ ବିଛର | ।।୨।। |
| କୁଣହୁଁ ପୁରାଣ ନାହ୍ନେଁ | ଆଦି ପୁରାଣ | |
| ଅକ୍‌ନୁ, ଚୂତ୍‌କୁନ ପାଢ଼ତ୍ | ତାଙ୍ଗେ ସୁନାମ | ।।୩।। |
| ବେଲା ସେ ନାମ | ବାଢ଼େ ଭାଇ ଛଜ୍‌କାତ | |
| ଭେଟ ବିଗାଢ଼ି ତାଘେଂ | ନିଅଁ ବାର ଚିଚାତ | ।୪।। |
| ମାହାଁ କାନୁ କାନୁ ଭାଇ | ଉଲ୍ଲା ବାରଛଦ୍ | |
| ପୁନା ସାମାଜିକ ନିୟମ | ଲାଗୁ ମାଞ୍ଜାଦ୍ | ।।୫।। |
| ବାରା ଭାଇ ଗୁଠିଆର | ଏକଜୁଟ ମାନ୍‌ତ | |
| ମାହାଁପୁରୁଷେ ଆଘଲି | କିର୍‌ୟା କାମତ୍ | ।।୬।। |
| ଇନାନ୍ତି ଏମ ଶପଥ | କାମ୍ ଚିକାମ | |
| ପାଛନ୍ ଆମ୍ହି କି | ପୁନାନ ଲାଗୁ ଇଲାମ | ।।୭।। |

ଧାନ ନାଗ ପୁରରୁ ପୂର୍ବ ପୁରୁଷ ମାନେ ଆସିଲେ ଏଠାରେ ଆସିକରି ସ୍ଥାୟୀ ବାସିନ୍ଦା ହେଲେ ସାମାଜିକ ନିୟମ ଆଉ ଯେତେ ଗଢ଼ିଲେ ଏବେ ପଡ଼ିଛି ତାହାର ସଠିକ୍ ବିଛର କିସାନ ପୁରାଣ ଆମର ଆଦି ପୁରାଣ ବସି, ଶୋଇକି ପଢ଼ିବା ତାହାର ସୁନାମ ସମୟରୁ ଆମେ ବଡ଼ ଭାଇ ବାଛିଲେ ସାକ୍ଷାତ କରି ତାଙ୍କୁ କେତେ ଥର ଦେଲେ ରାତି ଯାଉ ଯାଉ ଭାଇ ଦିନ ଆସିଲା ନୂଆଁ ସାମାଜିକ ନିୟମ ଲାଗୁ ହୋଇଲା ଆସ ଭାଇ ମାନେ ଏକଜୁଟ ହେବା ଭଗବାନଙ୍କ ଆଗରେ ଶପଥ କରିବା ଆଜିଠାରୁ ଆମେ ଶପଥ କରିଲୁ ପୁରୁଣା ଛାଡ଼ି କି ନୂଆଁକୁ ରଖିଲୁ

# ବେଲାୟ (ଜଣାଣ) ସିନ୍ ଗୁହାର

ଜୟ ଧାର୍ମେ ବେଲାୟ ନିନ୍ ଯେ
ବିଡ଼ିରେ ବେଲାୟ  ନିନ୍ ଯେ
ରାଜି ପୁର୍ଥିନ୍ ନାଞ୍ଜ୍କାୟ
ଧାର୍ତ୍ତିରେ ପୁରଥିନ୍ ଗଢ଼ଚ୍କାୟ
ହାର୍ବୁ ପାର୍ତାନ୍ ନାଞ୍ଜ୍କାୟ
ମାନ୍ନୁରେ ମାଶୁନ୍ ନାଞ୍ଜ୍କାୟ
ଜୋଡ୍ରୁ ଯୁଡ଼ିଆନ୍ ନାଞ୍ଜ୍କାୟ
ଆମ୍ବୁରେ କାଞ୍ଜିନ୍ ନାଞ୍ଜ୍କାୟ
ଛପନ କୋଟିର୍ ଜିଆ
ନିନ୍ବାଙ୍ଗ୍ ଜନମ୍ ଚିଚ୍କାୟ
ଆଲାର୍ଗେ ପୁରନୁ ଆଲାର ରୂପନୁ
ନିନ୍ଯେ ଜନମ୍ ଚିଚ୍କାୟ
ନିଙ୍ଗେଗେ ଆଲା ହାଦ୍ଦୁମ
ନିଙ୍ଗେଗେ ଆଲା ବଚ୍ଚମ୍
ଯୋଡ଼ାଗେ ହେଖାନ ନାନ୍ଦାମ୍
ହାନ୍ନୁଗେ କାପ୍ଡ଼େ ସାଙ୍ଗେ

ଜୟ ଧର୍ମ ଦେବତା ତୁମେ ଯେ ସୂର୍ଯ୍ୟ ଦେବତା ତୁମେ ଯେ
ଧରତୀ (ରାଜ୍ୟ) ପୃଥିବୀ କଲ ଧରିତ୍ରୀ ପୃଥିବୀ ତିଆରି କଲ
ଜଙ୍ଗଲ ପାହାଡ଼ ତିଆରି କଲ     ଗଛ ବୃକ୍ଷ ତିଆରି କଲ
ଝରଣା, ନଦୀ, ନାଳ ତିଆରି କଲ ଗଛ ବୃକ୍ଷ ତିଆରି କଲ
ଛପନ କୋଟି ଜୀବ ତୁମେ ଜନମ ଦେଲ
ମାନବ ପୁରରେ ମାନବ ରୂପରେ ତୁମେ ଜନମ ଦେଲ
ତୁମର ମଣିଷ ଛୁଆ ତୁମର ମଣିଷ ଶିଶୁ
ହାତ ଯୋଡ଼ି କରୁ କପାଳ ଓ ଆଖି ସାଙ୍ଗରେ





ନିଘେଂଗେ ହେଡ୍‌ଡୁ କିୟା    ନିଘେଂଗେ ପାଦ୍ଦୁନ୍ ମିୟାଁ
ହାଏର ଗୁହାର ନାନ୍ଦାମ୍    ପାଦ୍‌ଦୁଗେ ଶରନ୍ କାଲ୍‌ଦାମ୍
ନାପେ ବୁଦ୍ଧିନ୍ ଚିଅୟ    ନୁକୋ ପାବୁନ୍ ଏଦୟ
ଦୃଢରେ ସାହସ ଚିଅସ୍    ଶତ୍ରୁଗେ ନିପାତ୍ କାମୟ
ଆଦିରେ ଶକ୍ତି ନାମେଦ୍    ଯଶ ଗାଏ ଧାରା ଧାମେଦ୍
ମୁଲିଗେ ଆଦିବାସୀ    କୁଣ୍ଡୁଁଗେ ସମାଜ ରାଇ
ମିୟାଁଗେ ସମାଜ କାନାଦ୍    ପୁର୍ଥିନୁ ନାମେଦ୍ ରାନାଦ୍
ଧାରମେଗେ ବେଲାୟ ନିନ୍‌ବାଙ୍ଗ    ବିଡ଼ିରେ ବେଲାୟ ନିନ୍‌ଯେ
ଜୟ ଧାର୍ମେ ବେଲାୟ ନିନ୍‌ଯେ    ବିଡ଼ିରେ ବେଲାୟ ନିନ୍ ଯେ ।

ତୁମର ଗୋଡ଼ ତଳେ ତୁମର ପାଦ ଉପରେ
ହାର ଗୁହାରି କରି ପାଦ ତଳେ ଶରଣ ପଶୁଛୁ
ଭଲ ବୁଦ୍ଧି ଦେବ ଭଲ ବାଟ ଦେଖାଇବ
ଦୃଢ଼ତାର ସହ ସାହାସ ଦେବ ଶତ୍ରୁକୁ ନିପାତ କରିବ
ଆଦି ଶକ୍ତି ନାମ ତୁମ୍ଭର ଧରାଧାମରେ ଯଶ ଗାଇବି
ମୂଳରୁ ମୁଁ ଆଦିବାସୀ କିସାନ (କୁଣାହାଁ) ସମାଜର
ଉପରକୁ ସମାଜ ଯାଉ ପୃଥିବୀରେ ନାମ ରହୁ
ଧର୍ମର ରାଜା ତୁମ୍ଭେ ବାପା ସୂର୍ଯ୍ୟ ଦେବତା ତୁମେ ଯେ
ଜୟ ଧର୍ମ ଦେବତା ତୁମେ ଯେ ସୂର୍ଯ୍ୟ ଦେବତା ତୁମେ ଯେ

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର